Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

Vol - 21 ✦ Issue No:158 ✦ 4 October 2025 (Saturday) ✦ Rourkela ✦ Rs.2.00 ✦ Page -1 ✦ ୨୧ ବର୍ଷ ✦ ସଂଖ୍ୟା:୧୫୮ ✦ ୪ ଅକ୍ଟୋବର ୨୦୨୫ (ଶନିବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬





## ହୀରାକୁଦରେ ‘ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର’ ଉଦଘାଟିତ



### ଓଡ଼ିଶାର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ, ହୀରାକୁଦର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ: ଧର୍ମେନ୍ଦ୍ର ପ୍ରଧାନ

ହୀରାକୁଦ/ସମ୍ବଲପୁର,୩/୧୦(ନି/ପ୍ର): ଓଡ଼ିଶା ସରକାରଙ୍କ ପକ୍ଷରୁ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରୀ ସ୍ଥାପନ କରି ମାଛ ଚାଷ କରାଯିବାର ଆଧୁନିକ ପ୍ରଣାଳି ସ୍ୱାଗତଯୋଗ୍ୟ ପଦକ୍ଷେପ । ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ୩୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିବା ‘ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର’ ଆମ ରାଜ୍ୟର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ରତ୍ନଗର୍ଭା ହୀରାକୁଦ ଜଳଭଣ୍ଡାରର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ ବୋଲି ଏହାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁରର ହୀରାକୁଦ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଞ୍ଜାମ ଓ ବାଲେଶ୍ୱର ପରେ ମାଛ ଉତ୍ପାଦନରେ ସମ୍ବଲପୁର ଜିଲ୍ଲା ଅଗ୍ରଣୀ ରହିଛି । ହୀରାକୁଦ ଜିଲ୍ଲା ସମେତ ଆଖପାଖ ଅଂଚଳରୁ ପ୍ରାୟ ୫୦୦ କୋଟି ଟଙ୍କା ମୂଲ୍ୟର ମାଛ ଉତ୍ପାଦନ ହେଉଛି, ଯାହା ପ୍ରଶଂସନୀୟ । ଏଠାରେ ମାଛ ଉତ୍ପାଦନକୁ ଆହୁରି ବଢାଇବା ପାଇଁ ପଦକ୍ଷେପ ନିଆଯିବ । ମାଛକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ଶୀତଳ ଭଣ୍ଡାର, ବରଫ କାରଖାନା ଭଳି ଆଧୁନିକ ସୁବିଧା ଉପଲବ୍ଧ ହେବ । ଉନ୍ନତ ପ୍ରକ୍ରିୟାକରଣ ଯୋଗୁଁ ଆମ ମାଛର ମାନ ବୃଦ୍ଧି ପାଇବ । ଫଳରେ ଏହାକୁ କେବଳ ଓଡ଼ିଶା ନୁହେଁ, ଦେଶର ବଡ଼ ବଡ଼ ବଜାର ଏବଂ ଆନ୍ତର୍ଜାତୀୟ ବଜାରକୁ ପଠାଇବା ସହଜ ହେବ । ଓଡ଼ିଶାର ଅର୍ଥନୀତି ପାଇଁ ମତ୍ସ୍ୟଚାଷ ଓ ପଶୁପାଳନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ରାଜ୍ୟରେ ପ୍ରାୟ ୧୨ ଲକ୍ଷ ମେଟ୍ରିକ୍ ଟନ ମାଛ ଉତ୍ପାଦନ ହେଉଛି । ଏହାକୁ ଦୁଇ ତିନି ଗୁଣା କରାଇଲେ ହିଁ ମତ୍ସ୍ୟଚାଷୀଙ୍କ ବିକାଶ ସହ ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ । ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା ହେଉଛି ‘ବିକଶିତ ଓଡ଼ିଶା’ ଓ ‘ବିକଶିତ ଭାରତ’ । ସେହି କଳ୍ପନାକୁ ସାକାର କରିବା ଦିଗରେ ସମ୍ବଲପୁର ଗୋଶାଳା ବସନ୍ତପୁରରେ ଏକ ଅତ୍ୟାଧୁନିକ ମାଛ ଚାଷ ଓ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୋଦୀ ସରକାର ପ୍ରାୟ ୧୦୦ କୋଟି ଟଙ୍କା ଦେଇଛନ୍ତି । ଡବଲ ଇଞ୍ଜିନ ସରକାରର ସହଯୋଗରେ ଏଠାରେ ସମୟୋପଯୋଗୀ ତାଲିମ ଶିବିର ଆୟୋଜନ କରାଯିବ । ଏଠାରେ ମାଛ ଧରିବାର ନୂଆ ଉପାୟ, ସ୍ୱଚ୍ଛତା ଓ ପ୍ରକ୍ରିୟାକରଣର ଆଧୁନିକ ଜ୍ଞାନକୌଶଳ ଶିଖିପାରିବେ । ଏହା କେବଳ ମତ୍ସ୍ୟଜୀବୀଙ୍କ ଆୟ ବଢାଇବ ନାହିଁ, ବରଂ ଏହି ଅଂଚଳରେ ଅନେକ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତବର୍ଷ ସମ୍ବଲପୁର ଜିଲ୍ଲାରେ ୩୨ ଲକ୍ଷ କ୍ୱିଂଟାଲ ଧାନ କିଣାହୋଇଛି, ଯାହାର ମୂଲ୍ୟ ପାଖାପାଖି ୧୦୦୦ କୋଟି ହେବ ।

## ପେସୱାରରେ ବିସ୍ଫୋରଣ: ୯ ମୃତ, ୪ ଆହତ



ଇସ୍‌ଲାମ୍‌ବାଦ୍,୩/୧୦: ପାକିସ୍ତାନର ପେସୱାରରେ ଗୁରୁବାର ଦିନ ଏକ ବିସ୍ଫୋରଣ ଘଟି ନଅ ଜଣଙ୍କ ଜୀବନ ଗଲାଣି । ଏହି ବିସ୍ଫୋରଣରେ ଚାରି ଜଣ ଆଇନ ପ୍ରବର୍ତ୍ତନ ଅଧିକାରୀ ଆହତ ହୋଇଛନ୍ତି ବୋଲି ଡନ୍ ରିପୋର୍ଟ କରିଛି । ରିପୋର୍ଟ ଅନୁଯାୟୀ, ପେସୱାରରେ କ୍ୟାପିଟାଲ ସିଟି ପୁଲିସ ଅଧିକାରୀ ମିଆଁ ସଇଦଙ୍କ କାର୍ଯ୍ୟାଳୟ ଦ୍ୱାରା ଘଟଣା ସଂପର୍କରେ ଜାଣିବାକୁ ମିଳିଛି । ମିଆଁ ସଇଦ ଗଣମାଧ୍ୟମରେ ନିଜର ମତ ରଖି କହିଛନ୍ତି ଯେ ଏହି ଘଟଣାରେ ପୁଲିସ୍ ଅଧିକାରୀମାନଙ୍କୁ ଟାର୍ଗେଟ କରାଯାଇଥିଲା । କାରଣ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ପୁଲିସ୍‌ର ରାସ୍ତାରେ ହିଁ ବିସ୍ଫୋରଣ ଘଟାଇଥିବା ଡିଭାଇସ୍ ଲଗାଯାଇଥିଲା । ଘଟଣା ପରେ, ବହୁ ସଂଖ୍ୟକ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଚିଂ ଅଂଚଳକୁ ଘେରାବନ୍ଦୀ କରିଥିଲେ । ଆହତଙ୍କ ଅବସ୍ଥା ଗୁରୁତର ଥିଲା, ଯାହା ପରେ ତାଙ୍କୁ ଉଦ୍ଧାର ସେବା ଦ୍ୱାରା ନିକଟସ୍ଥ ଏକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ବର୍ତ୍ତମାନ ଆଇନ ପ୍ରବର୍ତ୍ତନକାରୀମାନେ ଘଟଣାସ୍ଥଳର ତଦନ୍ତ କରୁଛନ୍ତି ଏବଂ ଏହି ମାମଲାରେ ପ୍ରମାଣ ସଂଗ୍ରହ କରାଯାଉଛି । ଡନ୍ ରିପୋର୍ଟ କରିଛି ଯେ ସେପ୍ଟେମ୍ବର ୩୦ ତାରିଖରେ, ବେଲୁଚିସ୍ତାନର ରାଜଧାନୀ କ୍ୱେଟାରେ ଫ୍ରଂଟିଂୟର୍ କର୍ପସ୍ (ଋଉ) ମୁଖ୍ୟାଳୟ ନିକଟରେ ଏକ ବ୍ୟସ୍ତବହୁଳ ରାସ୍ତାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହେବା ଫଳରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୨ ଜଣ ଆହତ ହୋଇଥିଲେ ।

## ବିଷାକ୍ତ ଔଷଧ ସହ କଫ୍ ସିରପ୍ ପିଇ ୧୨ପିଲାଙ୍କ ମୃତ୍ୟୁ




ରାଜସ୍ଥାନ,୩/୧୦: ଥଣ୍ଡା କାଶ ପାଇଁ ଖାଉଥିବା ଔଷଧ ଜୀବନ ପ୍ରତି ବିପଦପୂର୍ଣ୍ଣ ହୋଇପାରେ । ଏପରି ଜଣାପଡିଛି ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲାରେ । କଫ ସିରପ୍ ଖାଇବା ପରେ ଆଉ ତିନି ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି । ଗତ ୨୦ଦିନରେ ମୃତ୍ୟୁ ସଂଖ୍ୟା ୧୧ରେ ପହଚିଂଲାଣି । ଯାହାକି ଏକ ଚିନ୍ତାର ବିଷୟ ହୋଇଛି । ଉଲ୍ଲେଖନୀୟ ଯେ କାଶ ଔଷଧ ଖାଇବା ପରେ କିଡନୀ ଫେଲ ହେବା ସହିତ ମୃତ୍ୟୁର କାରଣ ହୋଇଛି । ରାଜସ୍ଥାନରେ ମଧ୍ୟ କାଶ ପାଇଁ ସିରପ୍ ଖାଇବା ପରେ ପିଲାମାନେ ମୃତ୍ୟୁବରଣ କରୁଛନ୍ତି । ରାଜସ୍ଥାନର ଭରତପୁରରେ ସଂକ୍ରମିତ କଫ୍ ସିରପ୍ ଖାଇବା ପରେ ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଛି । ଆଜି ସିକରରେ ଆଉ ଏକ ଶିଶୁର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ମୋଟ ୧୨ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି । ଘଟଣାରେ ସିକରର ଚିରନା ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ଡାକ୍ତର- ଫାର୍ମାସିଷ୍ଟଙ୍କୁ ନିଲମ୍ବିତ କରାଯାଇଛି । ଶୁକ୍ରବାର ଦିନ ଛିନ୍ଦୱାଡାରେ ଔଷଧ ଖାଇବା ପରେ ତିନି ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ଏହା ପରେ ଭୋପାଳ ସ୍ୱାସ୍ଥ୍ୟ ବିଭାଗ ଏହି ଦୁଇଟି ଔଷଧକୁ ନିଷିଦ୍ଧ କରିଥିଲା । ଛିନ୍ଦୱାଡାରେ ୫ଜଣ ଶିଶୁ ଏବେ ବି ଅସୁସ୍ଥ ଅଛନ୍ତି ।

## ଥମୁନି ବର୍ଷା, ତୁହାକୁ ତୁହା ବର୍ଷାରେ ବେହାଲ ଓଡ଼ିଶା

ଭୁବନେଶ୍ୱର,୩/୧୦(ନି/ପ୍ର): ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି । ଗୋପାଳପୁର ନିକଟରେ ଓଡ଼ିଶା ଉପକୂଳ ଅତିକ୍ରମ କଲା ଗଭୀର ଅବପାତ । ଏହା ଉତ୍ତର - ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଓଡ଼ିଶା ଦେଇ ଆଗକୁ ଗତି କରିବାର ସମ୍ଭାବନା ରହିଛି । ଆଜି ଧୀରେ ଧୀରେ ଦୁର୍ବଳ ହୋଇ ଏହା ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି । କିଛି ସ୍ଥାନର ପ୍ରବଳରୁ ଅତିପ୍ରବଳ ବର୍ଷା ହେଉଛି । ଏନେଇ ଆଜି ୭ ଜିଲ୍ଲାକୁ ରେଡ୍ ଓ ୧୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ଭୀଷଣ ବର୍ଷା ନେଇ ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଓ କନ୍ଧମାଳକୁ ରେଡ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ବିଜୁଳି ଘଡଘଡି ସହ ବର୍ଷାକୁ ନେଇ ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି ନୂଆପଡ଼ା,ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେଓଗଡ଼, ସୁନ୍ଦରଗଡ଼, କେଉଁଝର ଜିଲ୍ଲାରେ ୟେଲୋ ୱାର୍ଣ୍ଣି ଜାରି ହୋଇଛି । ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ଅଧିକ ରହିବ । ବାଲେଶ୍ୱର ବାହାନଗାରେ ସର୍ବାଧିକ ୧୦୫ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଏହାର ପ୍ରଭାବରେ ଟ୍ୱିନ ସିଟିରେ ଲାଗି ରହିଛି ବର୍ଷା ।



## ଜେଲରୁ କଏଦୀ ଚମ୍ପଟ ଘଟଣା: ୨ ୱାର୍ଡର ନିଲମ୍ବିତ

କଟକ,୩/୧୦(ନି/ପ୍ର): କଟକ ଚୌଦ୍ୱାର ଜେଲରୁ ଦୁଇ ଜଣ କଏଦୀ ଚମ୍ପଟ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କର୍ତ୍ତବ୍ୟରେ ଅବହେଳା ପାଇଁ ଦୁଇ ଜଣ ୱାର୍ଡରଙ୍କୁ ନିଲମ୍ବିତ କରାଯାଇଛି । ଅଲଗା ଅଲଗା ସେଲରେ ଥିଲେ ଦୁଇ ଜଣ କଏଦୀ । ହେଲେ ଆରିରେ ରଡ୍ କାଟି କିପରି ବାହାରକୁ ପଳାଇଲେ ତାହାକୁ ନେଇ ପ୍ରଶ୍ନ ଉଠିଛି । ବ୍ୟବହାର କରୁଥିବା କମଳକୁ ଦଉଡି କରି ପାଚେରୀ ଡେଇଥିଲେ ଚମ୍ପଟ ମାରିଥିବା କଏଦୀ । ଘଟଣା ତଦନ୍ତ କରିବା ପାଇଁ କଟକ ରେଞ୍ଜ ଡିଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ୍ ବିଭାଗ ଡିଜି ।

## ଭାରତ ଆସିବେ ତାଲିବାନର ବୈଦେଶିକ ମନ୍ତ୍ରୀ

### ଜାତିସଂଘର ସୁରକ୍ଷା ପରିଷଦର ମଞ୍ଜୁରୀ: ପାକ୍‌କୁ ଝଟକା



ନୂଆଦିଲ୍ଲୀ,୩/୧୦: ତାଲିବାନର ବୈଦେଶିକ ମନ୍ତ୍ରୀ ଅମିର ଖାନ୍ ମୁତାକିଙ୍କ ଭାରତ ଯାତ୍ରାକୁ ଜାତିସଂଘର ସୁରକ୍ଷ ପରିଷଦ ପକ୍ଷରୁ ମଞ୍ଜୁରୀ ମିଳିଛି । ସେ ୯ ଅକ୍ଟୋବରରେ ଭାରତରେ ପହଁଚିଂବେ । ଏହି ସମୟରେ ସେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶରଙ୍କୁ ଭେଟିବାର ସମ୍ଭାବନା ରହିଛି । ମୁତାକିଙ୍କୁ ଅଗଷ୍ଟରେ ହିଁ ଭାରତ ଆସିବାର ଥିଲା, କିନ୍ତୁ ସୁରକ୍ଷା ପରିଷଦର ମଞ୍ଜୁରୀ ନମିଳିବା କାରଣରୁ ତାଙ୍କ ଗସ୍ତକୁ ରଦ୍ଦ କରି ଦିଆଯାଇଥିଲା । ତେବେ ଭାରତ ସେତେବେଳେ କହିଥିଲା ତାଲିବାନ ସରକାରଙ୍କ ବୈଦେଶିକ ମନ୍ତ୍ରୀଙ୍କ ଯାତ୍ରାକୁ ଅପେକ୍ଷା କରିଛି । ମୁତାକିଙ୍କୁ ଅଫଗାନିସ୍ତାନ ବାହାର ଯାତ୍ରା କରିବା ପାଇଁ ସୁରକ୍ଷା ପରିଷଦ ଔପଚାରିକ ମଞ୍ଜୁରୀର ଆବଶ୍ୟକତା ଥିଲା । ତାଙ୍କ ଉପରେ ସୁରକ୍ଷା ପରିଷଦ ଯାତ୍ରା କଟକଣା ଲଗାଇଥିଲା । ସେ ଏହି ମଞ୍ଜୁରୀ ବିନା ଆଇନଗତ ଭାବରେ ଭାରତ କିମ୍ବା ଅନ୍ୟ କୌଣସି ଦେଶକୁ ଯାତ୍ରା କରି ପାରୁନଥିଲେ । ଏହି କାରଣରୁ ଯେତେବେଳେ ତାଙ୍କୁ ସୁରକ୍ଷା ପରିଷଦରୁ ମଞ୍ଜୁରୀ ମିଳିନଥିଲା, ସେତେବେଳେ ତାଙ୍କର ଭାରତ ଯାତ୍ରାକୁ ରଦ୍ଦ କରି ଦିଆଯାଇଥିଲା । ଜାତିସଂଘର କଟକଣାରେ ଛାଡ ସୁରକ୍ଷା ପରିଷଦର ନିଷେଧ କମିଟିର ନିୟମ ଅନୁଯାୟୀ ପ୍ରଦାନ କରାଯାଏ । ୧୯୮୮ ମସିହାର ନିଷେଧ କମିଟିକୁ ବିଶେଷ ଭାବରେ ତାଲିବାନ ଏବଂ ଏହାର ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିଷେଧ ଏବଂ ତଦାରଖ କରିବାର ଦାୟିତ୍ୱ ଦିଆଯାଇଛି । ଏଥିରେ ତାଲିବାନ ନେତାଙ୍କ ଉପରେ ଯାତ୍ରା କଟକଣା, ସମ୍ପତ୍ତି ଫ୍ରିଜ୍ ଏବଂ ଅସ୍ତ୍ରଶସ୍ତ୍ର ବିକ୍ରୟ କଟକଣା ଅନ୍ତର୍ଭୁକ୍ତ । ଏଗୁଡ଼ିକଣ ଉଦେଶ୍ୟ ହେଉଛି ତାଲିବାନ ସହିତ ଜଡିତ ବ୍ୟକ୍ତିଙ୍କୁ ଏଭଳି ସମ୍ବଳ ପାଇବା କିମ୍ବା ଦୁନିଆରେ ବୁଲିବାଠାରୁ ରୋକିବା । ସେପେଟ ତାଲିବାନ ବେ ?ଦେଶିକ ମନ୍ତ୍ରୀଙ୍କ ଭାରତ ଗସ୍ତକୁ ରୋକିବା ପାଇଁ ପାକିସ୍ତାନ ଖୁବ୍ ଚେଷ୍ଟା କରିଥିଲା । ଗତ ଥର ମଧ୍ୟ ମୁତାରୀଙ୍କ ଭାରତ ଗସ୍ତକୁ ରଦ୍ଦ କରିଥିଲା । କିନ୍ତୁ ଏଥର ଭାରତ ଏଭଳି ପ୍ରସ୍ତୁତି କରିଥିଲା ଯେ, ଜାତିସଂଘରେ ପାକିସ୍ତାନର ଚାଲ ଆଉ ଚାଲି ପାରିନଥିଲା । ମୁତାକିଙ୍କୁ ଭାରତ ଗସ୍ତ ପାଇଁ ସହଜରେ ମଞ୍ଜୁରୀ ମିଳିଯାଇଥିଲା । ଏହା ନିଶ୍ଚିତ ପକ୍ଷେ ପାକିସ୍ତାନକୁ ଝଟକା କହିହେବ । କାରଣ ପାକିସ୍ତାନ ଆରମ୍ଭରୁ ହିଁ ଭାରତ-ତାଲିବାନ ସମ୍ପର୍କକୁ ବିରୋଧ କରୁଛି । ୨୦୨୧ ରେ ଯେତେବେଳେ ତାଲିବାନ କାବୁଲ ଦଖଲ କଲା, ପାକିସ୍ତାନ ଏହାକୁ ଉତ୍ସବ ଭାବରେ ପାଳନ କଲା । ପାକିସ୍ତାନୀ ନେତା ଏବଂ ଉଚ୍ଚ ପଦାଧିକାରୀମାନେ ଏହାକୁ ଭାରତର ପରାଜୟ ଭାବରେ ପ୍ରଚାର କରିଥିଲେ । କିନ୍ତୁ, ସମୟ ସହିତ ଭାରତ-ତାଲିବାନ ସମ୍ପର୍କରେ ଉନ୍ନତି ହେଲା ଏବଂ ତାଲିବାନ ପାକିସ୍ତାନର ଶତ୍ରୁ ହୋଇଗଲା ।

## ଭାରତ କାହା ଆଗରେ ମୁଣ୍ଡ ନୁଆଁଇବ ନାହିଁ:

### ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ କହିଲେ ରୁଷ ରାଷ୍ଟ୍ରପତି ପୁଟିନ



ନୂଆଦିଲ୍ଲୀ,୩/୧୦:ଗୁରୁବାର ଆମେରିକାକୁ ଟାର୍ଗେଟ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ସେ କହିଛନ୍ତି କି ଆମେରିକା, ଭାରତ ଏବଂ ଚୀନକୁ ରୁଷର ଶକ୍ତି ସମ୍ପର୍କ ସମାପ୍ତ କରିବାକୁ ଚାପ ପକାଇବାକୁ ଚାହୁଁଛି, କିନ୍ତୁ ଏପରି ପଦକ୍ଷେପ ଓଲଟା ପ୍ରଭାବ ପକାଇପାରେ । ପୁଟିନ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଅଧିକ ଶୁଳ୍କ ଲଗାଏ, ତେବେ ଏହା ବିଶ୍ୱ ସ୍ତରରେ ମୂଲ୍ୟ ବୃଦ୍ଧି କରିବ ଏବଂ ଆମେରିକାର ଫେଡେରାଲ ରିଜର୍ଭ ସୁଧ ହାର ଉଚ୍ଚ ରଖିବାକୁ ବାଧ ହେବ । ସମ୍ପ୍ରତି, ଆମେରିକା ଭାରତୀୟ ରପ୍ତାନି ଉପରେ ଅତିରିକ୍ତ ୨୫% ଶୁଳ୍କ ଲଗାଇଛି, ଯାହା ଟିକସକୁ ୫୦%କୁ ବୃଦ୍ଧି କରିଛି । ରୁଷ ରାଷ୍ଟ୍ରପତି କହିଛନ୍ତି, ‘ଭାରତ ଏବଂ ଚୀନ ନିଜକୁ ଅପମାନିତ ହେବାକୁ ଦେବେ ନାହିଁ ।‘ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ଭାରତ ରୁଷରୁ ଶକ୍ତି କିଣିବା ବନ୍ଦ କରେ, ତେବେ ଏହାର ପରିଣାମ ଓଲଟା ହେବ । ମାତ୍ର ଭାରତୀୟ ଜନତା ଏହା କେବେ ହେବାକୁ ଦେବେ ନାହିଁ । ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବିଶ୍ୱାସ ପ୍ରକାଶ କରି କହିଛନ୍ତି ଯେ ମୋଦୀ ଏପରି ପଦକ୍ଷେପ ନେବେ ନାହିଁ । ପୁଟିନ ଆମେରିକାର ଦୋମୁହାଁ ନୀତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ଆମେରିକା ନିଜେ ରୁଷରୁ ୟୁରାନିୟମ କିଣେ, କିନ୍ତୁ ଅନ୍ୟ ଦେଶମାନଙ୍କୁ ରୁଷ ଶକ୍ତିରୁ ଦୂରେଇ ରହିବାକୁ କହୁଛି ।

## ଫ୍ରାନ୍ସରେ ସଟ୍‌ଡାଉନ୍ ! ଟ୍ୟାକ୍ସ ବୃଦ୍ଧି ବିରୋଧରେ ୨୦୦ ସହରରେ ବିକ୍ଷୋଭ

### ଏଫିଲ ଟାୱାର ବନ୍ଦ





ନୂଆଦିଲ୍ଲୀ,୩/୧୦: ଆମେରିକା ପରେ ଫ୍ରାନ୍ସରେ ସଟ୍‌ଡାଉନ୍ ସ୍ଥିତି । ଖର୍ଚ୍ଚ କାଟ ବିରୋଧରେ ବନ୍ଦ ହୋଇଛି ଫ୍ରାନ୍ସ । ୨୦୦ରୁ ଅଧିକ ସହରରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ଯେଉଁଥିରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଛାତ୍ର ସାମିଲ ହୋଇଛନ୍ତି । ସବୁ ଠପ୍ ହୋଇଛି । ପ୍ରଦର୍ଶନକାରୀ ଖର୍ଚ୍ଚ କାଟ ଓ ଟ୍ୟାକ୍ସ ବଢାଇବାକୁ ବିରୋଧ କରିଛନ୍ତି । ରାଜଧାନୀ ପ୍ୟାରିସ୍ ?ର ପ୍ରସିଦ୍ଧ ଆଇଫିଲ ଟାୱାର ବନ୍ଦ ରହିଛି ।ୟୁନିୟନ୍ ନେତୃତ୍ୱରେ ବିରୋଧ-ଦେଶବ୍ୟାପୀ ଏହି ବିକ୍ଷୋଭ ଫ୍ରାନ୍ସର ପ୍ରମୁଖ ୟୁନିୟନ୍ ? ଡାକରା ଦେଇଛି । ଗତମାସରୁ ବଜେଟକୁ ନେଇ ଚାଲିଥିବା ରାଜନୀତି ହଲଚଲ ଏବଂ ବିତର୍କ, ଚର୍ଚ୍ଚା, ଆଲୋଚନା ବିରୋଧ ପ୍ରଦର୍ଶନର ମୁଖ୍ୟ କାରଣ । ୟୁନିୟନ୍ କହିବା ଅନୁସାରେ, ସରକାରଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବଜେଟ୍ ପ୍ରସ୍ତାବକୁ ଛାଡି ଦେବା କଥା । ଯେଉଁଥିରେ ସାମାଜିକ କଲ୍ୟାଣ ଯୋଜନା ଉପରେ ରୋକ ଏବଂ ଖର୍ଚ୍ଚ କମ୍ ପରି ସେବା ସାମିଲ ରହିଛି । ୟୁନିୟନ୍ ? ଚେତାବନୀ ଦେଇଛି , ଏପରି ପଦକ୍ଷେପ କମ୍ ଏବଂ ମଧ୍ୟମ ଆୟ ବର୍ଗର ଲୋକଙ୍କ କାର୍ଯ୍ୟଶକ୍ତିକୁ ଆହୁରି ଦୁର୍ବଳ କରୁଛି । ଧନୀ ଲୋକଙ୍କ ଉପରେ ଟ୍ୟାକ୍ସ ବୃଦ୍ଧି କରାଯାଉ ବୋଲି ଦାବି କରିଛି ୟୁନିୟନ୍ । ୨୦୦ରୁ ଅଧିକ ସହରରେ ବିକ୍ଷୋଭ- ଫ୍ରାନ୍ସରେ ୨୦୦ରୁ ଅଧିକ ସହରରେ ହଜାର ହାଜର କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଛାତ୍ର ରାସ୍ତାକୁ ଓହ୍ଲାଇଛନ୍ତି । ପ୍ୟାରିସରେ ପ୍ରଦର୍ଶନକାରୀ (ପ୍ଲେସ ଡି’ଇଟଲୀ)ରେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ପ୍ରସିଦ୍ଧ ଆଇଫିଲ ଟାୱାର ପ୍ରଶାସନ ତାଙ୍କ ବୟାନରେ କହିଛନ୍ତି କି, ବିକ୍ଷୋଭ କାରଣରୁ ସ୍ମାରକ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରି ଦିଆଯାଇଛି । ନୂଆ ସରକାର ଉପରେ ଚାପ- ଗତମାସରେ ପ୍ରଧାନମନ୍ତ୍ରୀ ହୋଇଥିବା ସେବାଷ୍ଟିୟନ ଲେକୋର୍ନୁଏ ପର୍ଯ୍ୟନ୍ତ ବଜେଟ୍ ବାବଦରେ ସୂଚନା ଦେଇନାହାନ୍ତି । ତାଙ୍କ ମନ୍ତ୍ରୀମଣ୍ଡଳ ଟିମ୍ ମଧ୍ୟ ଘୋଷଣା କରିନାହାନ୍ତି । ଆଶା କରାଯାଉଛି କି, ବର୍ଷ ଶେଷ ଆଡ଼କୁ ସଂସଦରେ ବଜେଟ୍ , ବିଲ୍ ଉପରେ ଚର୍ଚ୍ଚା ହେବ । ଦେଶରେ ବର୍ତ୍ତମାନ ସ୍ଥିତି ନୂଆ ସରକାରଙ୍କ ଉପରେ ଚାପ ପରି ହୋଇଛି ।କହି ରଖୁଛୁ କି, ଆମେରିକାରେ ବି ସଟ୍‌ଡାଉନ୍ ସ୍ଥିତି ରହିଛି । ୨୦୧୯ ପରେ ଏପରି ପ୍ରଥମ ସରକାରୀ କାର୍ଯ୍ୟ ବନ୍ଦ ହୋଇଛି । ଫଣ୍ଡିଂ ବିଲ୍ ପାସ୍ ନହୋଇ ପାରିବାରୁ ଆମେରିକାରେ ସଟ୍‌ଡାଉନ୍ ସଂଙ୍କଟ ଆସିଛି । ସିନେଟ୍‌ରେ ବିଲ୍ ପାସ୍ କରିବାରେ ବିଫଳ ହୋଇଥିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।

## ଚୀନକୁ ଖୁବଶୀଘ୍ର ଉଡିବ ବିମାନ:

ନୂଆଦିଲ୍ଲୀ,୩/୧୦:ଭାରତ ଏବଂ ଚୀନ ମଧ୍ୟରେ ଦୀର୍ଘ ୫ବର୍ଷ ହେବ ବିମାନ ସେବା ବନ୍ଦ ରହିଥିଲା । ଯାହା ପୁଣି ଥରେ ଆରମ୍ଭ ହେବାକୁ ଯାଉଛି । ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସୁଥିବାରୁ ଭାରତ ଏବଂ ଚୀନ ମଧ୍ୟରେ ବିମାନ ସେବା ସିଧାସଳଖ ଆରମ୍ଭ କରିବ ଇଣ୍ଡିଗୋ ଏୟାରଲାଇନ୍ ।

### ସୂଚନା

ବିଜୟା ଦଶମୀ ପାଇଁ ‘ଉତ୍କଳ ସମାଚାର’ କାର୍ଯ୍ୟାଳୟ ଅକ୍ଟୋବର ୧, ୨ ଦୁଇଦିନ ବନ୍ଦ ଥିଲା ।

—— ସଂପାଦକ




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ବର୍ଜ୍ୟବସ୍ତୁରୁ ତିଆରି ହେବ କଳାକୃତି : ପ୍ରତିଷ୍ଠା ହେବ '୩ ଆର' ଇକୋ ପାର୍କ



କେନ୍ଦୁଝର,୩/୧୦(ନି/ପ୍ର) :ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ କଳାକୃତିରେ ନିର୍ମାଣ ହେବ ପାର୍କ। ଏଠାରେ ରହିବନି ଫୁଲକୁଣ୍ଡ କି ଫୁଲବଗିଚା। ଅବ୍ୟବହୃତ ସାମଗ୍ରୀ, ପୁରୁଣା ଟାୟାର, ବ୍ୟବହାର ଅନୁପଯୋଗୀ ଲୁହା ସାମଗ୍ରୀ, ଅବ୍ୟବହୃତ ସାଇକଲ, ମୋଟର ସାଇକଲର ଉପକରଣ ସମେତ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇ କଳାକୃତି ନିର୍ମାଣ କରି ଏହି ପାର୍କରେ ରଖାଯିବ। ଏହାର ନାଁ ରହିବ '୩ ଆର' ପାର୍କ। ରିଡ୍ୟୁସ୍, ରିୟୁଜ୍, ରିସାଇକେଲର ବାର୍ତ୍ତା ବହନ କରିବ ଏହି କଳାକୃତି। କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ଛକ ଓ ବସ୍‌ଷ୍ଟପ୍ ?ରେ ଇକୋ ପାର୍କ ନିର୍ମାଣ ପାଇଁ ନିଷ୍ପତି ହୋଇଛି। ଏଥିପାଇଁ ପୌରପାଳିକା ପକ୍ଷରୁ ସରକାରୀ ସ୍ଥାନ ଚିହ୍ନଟ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଁଚିଛି। ସହରର ବିଭିନ୍ନ ସ୍ଥାନରେ ଥିବା ପାର୍କ, କରଞ୍ଜିଆ ବସ୍‌ଷ୍ଟପ, ତେଲକୋଇ ବସ୍‌ଷ୍ଟପ, ସରକାରୀ ମହିଳା ମହାବିଦ୍ୟାଳୟଠାରୁ ଲାବଣ୍ୟଛକ, କଟକ-ଭୁବନେଶ୍ୱର ବସ୍‌ଷ୍ଟପ ସମେତ ବିଭିନ୍ନ ଛକ ସ୍ଥାନରେ ଇକୋ ପାର୍କ ନିର୍ମାଣ କରାଯିବ ବୋଲି କେନ୍ଦୁଝରଗଡ଼ ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି। ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ହାତୀ, ଭାଲୁ, ସିଂହ, ହରିଣ, ମାଙ୍କଡ଼, ଜେବ୍ରା, ଡାଇନୋସର, ଓଟ, ଘୋଡ଼ା, ଫୁଲ, ମାଛ, ମୟୂର, ବାଦ୍ୟଯନ୍ତ୍ର ଏବଂ ଆଦିବାସୀ ସଂସ୍କୃତି, ଖାଦ୍ୟ, ନୃତ୍ୟ, ବାଦ୍ୟ ସ୍ଥାନିତ କରାଯିବା ସହ ଲୋକଙ୍କ ବସିବା ପାଇଁ ବେଟଂ ତିଆରି କରାଯିବ। ପିଲାଙ୍କ ନିମନ୍ତେ ଖେଳ ଉପକରଣ ମଧ୍ୟ ଏଥିରୁ ପ୍ରସ୍ତୁତ କରି ସ୍ଥାପନ କରାଯିବ। ଏହା ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ପିଲାଙ୍କ ସୃଜନଶୀଳତାରେ ସହାୟକ ହେବ। ଭୁବନେଶ୍ୱରର ଇକୋ ମାଟ୍ରିକ୍ ସଂସ୍ଥା ଏହି କାର୍ଯ୍ୟାଦେଶ ପାଇଥିବାବେଳେ ଏହାକୁ ସରକାରୀ ଆଇଟିଆଇ, ପଲିଟେକ୍ନିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିବେ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏପରି ଯୋଜନା କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। 'ୱେଷ୍ଟ ଟୁ ୱେଲ୍' ସଚେତନତାକୁ ଆଧାର କରି ଏହି ନିଷ୍ପତି ହୋଇଛି। ବିଭିନ୍ନ ସ୍ଥାନରେ ବିଷୟ ଆଧାରିତ ସର୍ବସାଧାରଣ ସ୍ଥାନ ନିର୍ମାଣ କରାଯିବ, ଯାହା ଅଂଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ନିର୍ବାହୀ ଅଧିକାରୀଙ୍କ କହିବା କଥା, ଯେଉଁ କଳାକାର ଏହି କାର୍ଯ୍ୟରେ ସହଯୋଗ କରିବେ, ସେମାନଙ୍କୁ ପାରିଶ୍ରମିକ ମଧ୍ୟ ମିଳିବ। ଇଂଟରନାଲ୍ ରେଭିନ୍ୟୁ ଜେନେରେସନ୍ (ଆଇଆରଜି) ମଡେଲ୍‌କୁ ଆଧାର କରି କଳାକୃତି ନିର୍ମାଣ ହେବ। ଉଭୟ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ଓ ନଗର ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କରାଯିବ। ଉଭୟ ବିଭାଗରୁ ଚୟନ କରାଯାଇଥିବା ନୋଡାଲ୍ ଅଫିସରମାନେ ଏହି କାର୍ଯ୍ୟ ତଦାରଖ କରିବେ।

# ବେପାରୁଆ ଢ଼ଙ୍ଗରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଅଳ୍ପକେ ଏକ ବଡ଼ ବିପଦରୁ ବର୍ତ୍ତିଲେ ଯାତ୍ରୀ

କେନ୍ଦୁଝର,୩/୧୦(ନି/ପ୍ର) :ଚାଳକର ବେପାରୁଆ ଢ଼ଙ୍ଗରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଅଳ୍ପକେ ବର୍ତ୍ତିଲେ ଯାତ୍ରୀ।ବସ୍ ଚାଳକର ଖାମଖିଆଲି ମନୋଭାବ ଓ ବେପାରୁଆ ଢ଼ଙ୍ଗରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା, ଅଳ୍ପକେ ଏକ ବଡ଼ ବିପଦରୁ ବର୍ତ୍ତିଲେ ଯାତ୍ରୀ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ଯୋଡ଼ା ଥାନା ଅନ୍ତର୍ଗତରେ। ଏକ ଯାତ୍ରୀବାହି ବସ୍‌ଯାତ୍ରୀଙ୍କୁ ନେଇ କେନ୍ଦୁଝରରୁ ବଡ଼ବିଲ ଅଭିମୁଖେ ଆସୁଥିବା ସମୟରେ ଘଟିଛି ଏହି ଅଘଟଣ। ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ବିଲେଇପଦା ଟୋଲଗେଟ ନିକଟରେ ଭାରସାମ୍ୟ ହରାଇ ଦିଭାଇଡର ଉପରକୁ ଚଢିଗଲା ଯାତ୍ରୀବାହୀ ବସ। ଅମ୍ବିକା ନାମକ ଏକ ଯାତ୍ରୀବାହୀ ବସ କେନ୍ଦୁଝରରୁ ବଡବିଲ ଅଭିମୁଖେ ଆସୁଥିବାବେଳେ ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ନିକଟରେ ଭାରସାମ୍ୟ ହରାଇ ଡିଭାଇଡରରେ ଚଢିଯିବାରୁ ଜଣେ ଯାତ୍ରୀ ଗୁରୁତର ଆହତ ହେଇଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବାନେଇ ସୂଚନା। ତେବେ ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଂଚି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଆରମ୍ଭ କରିଛି।

# ମରଣଯନ୍ତା ପାଲଟିଛି ମେର୍ମେଦା ପୋଲ



ଚମ୍ପୁଆ, ୩/୧୦(ନି/ପ୍ର): ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ପଡୁଆ - ମଙ୍ଗଳପୁର ମଝିରେ ଥିବା ମେର୍ମେଦା ନାଳ ପୋଲ ଲଗାଣ ବର୍ଷାରେ ଧୋଇଯିବା କାରଣରୁ ଲୋକଙ୍କ ଯିବା ଆସିବା ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ଚମ୍ପୁଆ ବ୍ଲକ ର ଜାଲି, ଭୂଇଁପୁର ଓ ପଡୁଆ ତିନି ପଂଚାୟତର ଲୋକେ ପ୍ରତିଦିନ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରାୟ ଦୀର୍ଘ ତିରିଶି ବର୍ଷ ପୂର୍ବେ ନିର୍ମିତ ଏହି ମେର୍ମେଦା ନାଳ ପୋଲ ରାସ୍ତା ମରାମତି ଅଭାବରୁ ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ପଂଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତି ବର୍ଷ କିଛି ସ୍ଥାନୀୟ ଯୁବକ ମାଟି ପକାଇ ରାସ୍ତାକୁ ସମତୁଲ କରିଥାନ୍ତି। ଏବେ ପୋଲର ଦୁଇ କଡ଼ ରାସ୍ତା ଲଗାଣ ବର୍ଷାରେ ଧୋଇ ଖାଲ ହୋଇ ଯାଇଛି। କେବଳ ଦୁଇ ଚକିଆ ସାଇକେଲ, ମୋଟରସାଇକେଲକୁ ଛାଡି ଦେଲେ ଚାରିଚକିଆ ଛୋଟ ଜାନ ମଧ୍ୟ ଏହି ପୋଲ ଉପରେ ଯିବା କଷ୍ଟ ସାଧ ହୋଇପଡିଛି। ଫଳରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନଙ୍କୁ ନେଇଯିବା ପାଇଁ ସିଲିପୁଞ୍ଜି ପଟୁ ଦୀର୍ଘ ଲମ୍ବା ରାସ୍ତା ବୁଲି ଯିବାକୁ ପଡୁଛି। ଯାହା ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ପାଇଁ ଜୀବନ ମରଣ ବିପଦ ସୃଷ୍ଟି କରୁଛି। ବର୍ତ୍ତମାନ ସାରା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ନେଇ ହଇଚଇ ସୃଷ୍ଟି କରୁଥିବା ବେଳେ ତୃଣମୂଳ ସ୍ତରରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ଏପରି ସମସ୍ୟା ଗୁଡିକରେ ସୁଧାର ଆସୁନାହିଁ ବୋଲି ଅଂଚଳ ବାସୀ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ସମ୍ଭାବନା ସାହିତ୍ୟ ସଂସଦର ସାହିତ୍ୟ ଆସର

ଭଦ୍ରକ,୩/୧୦: ଭଦ୍ରକ ସାହିତ୍ୟର ନୂଆଶ୍ୱର ସମ୍ଭାବନା ସାହିତ୍ୟ ସଂସଦ ପ୍ରତିମାସ ପରି ଏମାସ ମଧ ଶେଷରବିବାର ସାହିତ୍ୟ ଆସର ବାବଲୋକନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ବହୁ ଆଡମ୍ବରରେ ପାଳିତ ହୋଇ ଯାଇଛି। ଉଦଘାଟ୍ ଭାବେ ଶିଶୁସାହିତ୍ୟ ଗବେଷକ ପ୍ର. ଡ୍. ମନୀନ୍ଦ୍ର ମହାନ୍ତି ଯୋଗ ଦେଇଥିବା ବେଳେ, ସଭାପତିଭାବେ ଆଇନଜୀବି ଅତିଶ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତଅଧକ୍ଷ୍ୟା କବିୟତ୍ରୀ ସୁଚିତ୍ରା ପାଣିଗ୍ରାହୀ ଯୋଗ ଦେଇ ସମ୍ଭାବନାର ଉତରତର କାମନା କରିଥିବା ବେଳେ ଅବସର ପ୍ରାପ୍ତ ଅଧକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପୁର୍ଣଚନ୍ଦ୍ର ବାହାଲୀଙ୍କ ମାନସ ସନ୍ତାନ ଶିବାନୀର ଲୋକାର୍ପଣ କରିଥିଲେ। ଶିବାନୀର ସହ ସମ୍ପାଦକ ବିଜୟ

# ବର୍ଷାରେ ଭାଙ୍ଗିଲା ଅସହାୟା ଦର୍ପଣୀଙ୍କ ଘର



ତେଲକୋଇ,୩/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାର ଉପାନ୍ତ ବାଂଶପାଳ ବ୍ଲକ ଗୋନାଶିକା ପଚାଂୟତ ଅନ୍ତର୍ଗତ ଗୁପ୍ତଗଙ୍ଗା ଗାଁରେ ଅସହାୟା ବିଧବା ଦର୍ପଣୀ ପେଣ୍ଢେଇଙ୍କ ଟାଇଲି ଛପର ଘର ଭାଙ୍ଗିଯାଇଛି। ଫଳରେ ଘର ଭିତରେ ଆଶ୍ରୟ ନେଇଥିବା ଦୁଇଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିବା ସହିତ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ସୌଭାଗ୍ୟକୁ ଘର ଭିତରେ କେହି ସଦସ୍ୟ ରହିନଥିଲେ। ଫଳରେ ଏହି ଅଘଟଣରୁ ପରିବାର ଲୋକେ ସୁରକ୍ଷିତ ରହିଛନ୍ତି। ଆଜି ସ୍ଥାନୀୟ ଅଚଂଳରେ ବର୍ଷା ଲାଗିରହିଛି। ଗ୍ରାମର ସ୍ୱର୍ଗତ ଧ୍ରୁବ ପେଣ୍ଢେଇଙ୍କ ପରିବାର ଗରିବ ଅସହାୟ ଓ ଦାରିଦ୍ର୍ୟର କଷାଘାତରେ ପିଡିତ। ସରକାରୀ ଗ୍ରାମୀଣ ଆବାସ ଯୋଜନାରେ ଆଜିଯାଏଁ ତାଙ୍କ ପରିବାରକୁ ପକ୍କା ଘର ଖଣ୍ଡିଏ ମିଳିପାରିନାହିଁ। ଫଳରେ ଦୁଇ ପୁଅ ବୋହୂ ଓ ନାତିନାତୁଣୀଙ୍କ ସହିତ ଗ୍ରାମର ଗଣେଶ୍ୱର ଜୁଆଙ୍ଗଙ୍କ ଘରେ ଆଶ୍ରୟ ନେଇଛନ୍ତି। ଦର୍ପଣୀଙ୍କ ପରିବାରକୁ ସରକାରୀ ସହାୟତା ସହିତ ପକ୍କା ଘର ଯୋଗାଇ ଦେବାକୁ ଗୋନାଶିକା ସମିତି ସଭ୍ୟ କୃଷ୍ଣ ଜୁଆଙ୍ଗ ଦାବି କରିଛନ୍ତି।

# କରଞ୍ଜିଆ ମଣ୍ଡଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତାବ୍ଦୀ ଉତ୍ସବ

କେନ୍ଦୁଝର,୩/୧୦(ନି/ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କରଞ୍ଜିଆ ମଣ୍ଡଳର ଶତାବ୍ଦୀ ବର୍ଷ ଉଦ୍ଘାଟନୀ ଉତ୍ସବ କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଚମ୍ପୁଆ ଖଣ୍ଡ କାର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ, ଶିକ୍ଷା ବିକାଶ ସମିତିର କାର୍ଯ୍ୟକର୍ତ୍ତା ତଥା କେନ୍ଦୁଝର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର ନିଳାମ୍ବର ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗ ଦେଇଥିଲେ। ଶିକ୍ଷକ ଭଗବାନ ମହାନ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସୁଶାନ୍ତ ଗୁରୁଜୀ ବ୍ୟକ୍ତିଗତ ଗୀତ ଏବଂ ଅମୃତ ବଚନ ପାଠ କରିଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ ହିନ୍ଦୁମାନେ ଏକତ୍ରୀତ ହୋଇ ସଂଘଠିତ ହେଲେ ଭାରତ ସୁରକ୍ଷିତ ରହିବ, ସ୍ୱଦେଶୀ ବ୍ୟବହାର ଦ୍ୱାରା ଦେଶ ସ୍ୱାବଲମ୍ବନ ହୋଇ ପାରିବ, ବିଶ୍ୱ ପର୍ଯ୍ୟାବରଣ, ସଂଘର କାର୍ଯ୍ୟ ଲକ୍ଷ୍ୟ, ସ୍ୱୟଂ ସେବକ ମାନଙ୍କର ଭାରତ ମାତା ପାଇଁ ସମର୍ପିତ, ଭାରତ ମାତା ପାଇଁ ସଂଘର ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ । ଶିହ ଶହ ସ୍ୱୟଂ ସେବକ ଗୈରିକ ଧ୍ୱଜ, ଘୋଷ୍ ଆନକ୍ ଶଙ୍ଖର ସହିତ ଶିଶୁ ବିଦ୍ୟା ମନ୍ଦିରରୁ ବାହାରି କରଞ୍ଜିଆ ବଜାର ପରିକ୍ରମା କରିଥିଲେ। ବିବିଧ କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ରତିକାନ୍ତ ବାରିକ, ଦିଲୀପ କାରୁଆ, ବିଶ୍ୱଜିତ୍ ପ୍ରଧାନ, ହରିହର ଚୌଧୁରୀ, ବ୍ରଜକିଶୋର ମହାନ୍ତ, ବିଜୟ କୁମାର ମହାନ୍ତ, କିଶୋର କୁମାର ମହାନ୍ତ, ଗୁରୁଜୀ ସତ୍ୟଜିତ ପ୍ରଧାନ, ପଦ୍ମଲୋଚନ ମହାନ୍ତ, ମନୋଜ କୁମାର ମହାନ୍ତ ସହ କାର୍ଯ୍ୟବାହ ସରୋଜ କୁମାର ମହାନ୍ତ ଏବଂ ବରିଷ୍ଠ ସ୍ୱୟଂ ସେବକ କ୍ଷେତ୍ରବାସୀ ମହାନ୍ତ, ଇନ୍ଦ୍ରଜିତ ମହାନ୍ତ, ରଂଜନ ଭାଇ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ସହଯୋଗ କରିଥିଲେ।

# ଶାରଦୀୟ ଅଭିନନ୍ଦନ ଜଣାଇ ପୂଜା ମଣ୍ଡପରେ ଗୀତ ଗାଇଲେ ବିଧାୟକ



ବୈଶିଙ୍ଗା,୩/୧୦(ନି/ପ୍ର): ଦଶହରାରେ ଧରା ପୃଷ୍ଠକୁ ଆଭିର୍ଭାବ ହୋଇ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମା ଜଗତ ଜନନୀ ମା' ଦୁର୍ଗା। ଏହି କ୍ରମରେ ମୟୂରଭଞ୍ଜଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସହର ଠାରୁ ପୁରପଲ୍ଲୀରେ ଶାରଦୀୟ ଦୁର୍ଗାପୂଜା ମହା ଆଡମ୍ବରରେ ପାଳନ କରାଯାଉଛି । ତେବେ ଏହି ଅବସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ସନାତନ ବିଜୁଳି ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ଅଂଚଳବାସୀଙ୍କୁ ଶାରଦୀୟ ଅଭିନନ୍ଦନର ଶୁଭେଚ୍ଛା ଜଣାଇଛନ୍ତିକ୍ଷ ମୁଖ୍ୟତଃ ବେତନଟୀ ବ୍ଲକ ଅଧୀନ ତଥା ବେତନଟୀ ବଜାରସ୍ଥିତ ୨୭ ବର୍ଷର ବଙ୍ଗଳା ଛକ ପୂଜା ମଣ୍ଡପ, ୮୨ବର୍ଷ ପୁରୁଣା ବସଷ୍ଟାଣ୍ଡ ପୂଜା ମଣ୍ଡପ, ୧୯ବର୍ଷ ପୁରୁଣା କଙ୍କାକାଳିଆ ପୂଜା ମଣ୍ଡପ, ବୈଶିଙ୍ଗା ପୂଜା ମଣ୍ଡପ, ବଡ଼ସାହି ବ୍ଲକ ଅଧୀନ ବଡ଼ସାହି ଓ ୮୧ ବର୍ଷୀୟ ତାଳପଦା ପୂଜା ମଣ୍ଡପରେ ପହଚିହ ଦୁର୍ଗା ପୂଜା କମିଟିର କର୍ମକର୍ନ୍ତାଙ୍କ ସହ ଆଲୋଚନା କରିଛନ୍ତି କ୍ଷ ଏହି ସମୟରେ ସ୍ଥାନୀୟ ବିଜେପି ମଣ୍ଡଳ ସଭାପତିଙ୍କ ସମେତ ଶତାଧିକ ସମର୍ଥକ ପ୍ରମୁଖ ଉପସ୍ଥିତ ରହିଥିଲେ। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ସନାତନ ବିଜୁଳି ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ଅଂଚଳବାସୀଙ୍କୁ ଶାରଦୀୟ ଅଭିନନ୍ଦନର ଶୁଭେଚ୍ଛା ଜଣାଇଛନ୍ତିକ୍ଷ ମୁଖ୍ୟତଃ ବେତନଟୀ ବ୍ଲକ ଅଧୀନ ତଥା ବେତନଟୀ ବଜାରସ୍ଥିତ ୨୭ ବର୍ଷର ବଙ୍ଗଳା ଛକ ପୂଜା ମଣ୍ଡପ, ୮୨ବର୍ଷ ପୁରୁଣା ବସଷ୍ଟାଣ୍ଡ ପୂଜା ମଣ୍ଡପ, ୧୯ବର୍ଷ ପୁରୁଣା କଙ୍କାକାଳିଆ ପୂଜା ମଣ୍ଡପ, ବୈଶିଙ୍ଗା ପୂଜା ମଣ୍ଡପ, ବଡ଼ସାହି ବ୍ଲକ ଅଧୀନ ବଡ଼ସାହି ଓ ୮୧ ବର୍ଷୀୟ ତାଳପଦା ପୂଜା ମଣ୍ଡପରେ ପହଚିଂ ଦୁର୍ଗା ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ତେବେ ସବୁଠୁଁ ଆକର୍ଷଣୀୟ ଥିଲା ବଡ଼ସାହି ବିଧାୟକ ସନାତନ ବିଜୁଳି ବେତନଟୀ ବଡ଼ସାହି ବ୍ଲକର ବିଭିନ୍ନ ଅଂଚଳରେ ମେଢ଼ ବୁଲି ଦେଖିବା ସହିତ ତାଳପଦା ପୂଜା ମଣ୍ଡପରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ ଗାଇଛନ୍ତିକ୍ଷ ତେବେ ସୁଦୂର କଟକରୁ ଆସିଥିବା ସୁବାସ ଦାସଙ୍କ ମେଲୋଡି ଟିମର ମ୍ୟୁଜିକର ତାଳେ ତାଳେ ବିଧାୟକ ପ୍ରାୟ ୧୦ରୁ ଅଧିକ ନୂଆ ପୁରୁଣା ଗୀତ ଗାଇ ବେସ ପ୍ରଶଂସା ସାଉଁଟିଛନ୍ତି।

# ଇରମ ଗୁଳିକାଣ୍ଡର ୮୩ ତମ ସ୍ମୃତି ଦିବସ, ସମାଧି ପୀଠରେ ୨୯ ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ

ଭଦ୍ରକ,୩/୧୦(ନି/ପ୍ର): ଇରମ ଗୁଳିକାଣ୍ଡର ୮୩ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶହୀଦ ସ୍ମୃତି କମିଟି ଓ ଜିଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ସ୍ମୃତି ଦିବସ ପାଳିତ ହୋଇଥିଲା। ରାଜନୈତିକ ନେତୃବୃନ୍ଦ, ଶହୀଦ ସ୍ମୃତି କମିଟି, ଶହୀଦ ତୀର୍ଥଯାତ୍ରୀ ସଂଘ, ସହିଦ ପରିବାର, ଲବଣ ତୀର୍ଥ ବିଦେଇପୁର, ଅବସର ସେନା କର୍ମଚାରୀ, ମା ମଙ୍ଗଳା ପାଲା ପରିଷଦ, ସ୍ଥାନୀୟ ଜନ ସାଧାରଣଙ୍କ ସହ ପ୍ରଶାସନ ଅଧିକାରୀ ସ୍ମୃତି ସ୍ତମ୍ଭ ଓ ସମାଧି ପୀଠରେ ମାଲ୍ୟାର୍ପଣକରି ଶହୀଦ ଦିବସକୁ ମନେ ପକାଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ଜିଲା ପାଳ ଦିଲ୍ଲିପ କୁମାର ରାଉତରାୟ ଇରମ ମେଳନ ପଡିଆରେ ଜାତୀୟ ପତାକା ଉତୋଳନକରି ଶହୀଦ ସ୍ମୃତି ସମାରୋହକୁ ଉଦଘାଟନକରି ମିଳିତ ପ୍ୟାରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ପ୍ରମୁଖ ଶହୀଦ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପଂଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସମାଜସେବୀ ଶୁଭେନ୍ଦୁଭୂଷଣ ବେହେରା, ଦିନବନ୍ଧୁ ଦାସ, ସରପଂଚ ସାବିତ୍ରୀ ବଳ, ସମିତି ସଭ୍ୟ ଲଗ୍ନିକା ମଲ୍ଲିକ ସହିତ ସ୍ଥାନୀୟ ଜନସାଧାରଣ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣକରି ସ୍ମୃତି ଦିବସକୁ ମନେ ପକାଇଥିଲେ। ସହିଦ ପରିବାର ପକ୍ଷରୁ ନହଣ ପୋଖରୀରରେ ତିଳତର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ସମାଧି ପୀଠରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁପ୍ ଅଭିଷେକ ବେହେରା,ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଥାନାଅଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଆଉ ସଂଗ୍ରାମୀ ମାନଙ୍କ ତ୍ୟାଗକୁ ମନେପକାଇ ଶହୀଦ ତୀର୍ଥ ସଂଘ ର ସଭାପତି ବୈଲୋଚନ ଜେନାଙ୍କସହ କର୍ମକର୍ତ୍ତା ବାସୁଦେବପୁର ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଜାତୀର ପିତା ମହାତ୍ମାଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣୀ ରାଉତରାୟ, ଲବଣତୀର୍ଥ ସ୍ମୃତି ସ୍ତମ୍ଭ ଚୁଡାମଣି, ଲାଂଟିପଦା ଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲା। ସଂଘର ସମ୍ପାଦକ ବସନ୍ତ କୁମାର ଦାଶ, ବନଲତା ଜେନା, ସୁଶେଷ ରଞ୍ଜନ ବାରିକ, ନିତ୍ୟାନନ୍ଦ ଷଢଙ୍ଗୀ, ନାରାୟଣ ବେହେରା, ସୈନିକ ସଂଘର କୈଳାସ ଚନ୍ଦ୍ର ନାଥ ପ୍ରମୁଖ ଇରମ ସାମଧି ପୀଠରେ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ସ୍ଥାନୀୟ ସହିଦ ସ୍ପୋଟିଂ କ୍ଲବ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ଜବତ ; ୩ ଅଭିଯୁକ୍ତ ଗିରଫ



ବୈଶିଙ୍ଗା,୩/୧୦(ନି/ପ୍ର): ଦୀପାବଳି ପୂର୍ବରୁ ଏସପିଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ପୁଲିସର ଅପରେସନ ଅଗ୍ନି ଜାରି ରହିଛିକ୍ଷ ଏହି ଅପରେସନରେ ବୈଶିଙ୍ଗା ପୁଲିସକୁ ମିଳିଛି ବଡ଼ ସଫଳତାକ୍ଷ ଲକ୍ଷାଧିକ ଟଙ୍କାର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛିକ୍ଷ ସେହିଭଳି ଘଟଣାସ୍ଥଳରୁ ୩ଅଭିଯୁକ୍ତ ଙ୍କୁ ପୁଲିସ ଗିରଫ କରିଥିବାବେଳେ ଏକାଧିକ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ବାଣ ଭିଡୁଥିବା ସମୟରେ ପୋଲିସକୁ ଦେଖି ଏକାଧିକ ଚମ୍ପଟ ମାରିଥିବାବେଳେ ଘଟଣାସ୍ଥଳରୁ ୫୪ ବସ୍ତା ବାଣ, ବାଣ ପ୍ରସ୍ତୁତ ପାଇଁ ରଖା ଯାଇଥିବା ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ରୁ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସୂଚନା ଅନୁଯାଇ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଚାଂୟତର ବାଛୁରୀପଡ଼ା ବାଛୁରୀପଡ଼ା ଓ ମେରଦା ପଚାଂୟତର ବର୍ତ୍ତନା ଗ୍ରାମରେ ଏକାଧିକ ସ୍ଥାନରେ ବ୍ୟାପକ ବେଆଇନ ବାଣ ଏବଂ ଆତସବାଜି ପ୍ରସ୍ତୁତ କରାଯାଏକ୍ଷ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କ ସମେତ ବୈଶିଙ୍ଗା ଥାନା ଏସ୍‌ଆଇ ଇତିଶ୍ରୀ ସାହୁ ଓ ଏଏସ୍‌ଆଇ ପ୍ରଦୀପ କୁମାର ଦେଙ୍କ ନେତୃତ୍ୱରେ ପୋଲିସ ଟିମ୍‌ଅତର୍କିତ ଚଢାଉ କରିଥିଲା। ବାଣ ଭିଡୁଥିବା ସମୟରେ ପୁଲିସକୁ ଦେଖି ଏକାଧିକ ଚମ୍ପଟ ମାରିଥିବାବେଳେ ଘଟଣାସ୍ଥଳରୁ ୫୪ ବସ୍ତା ବାଣ, ବାଣ ପ୍ରସ୍ତୁତ ପାଇଁ ରଖା ଯାଇଥିବା ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ରୁ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସେହିଭଳି ବେଆଇନ ବାଣ କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ସେମାନେ ହେଲେ ବର୍ନ୍ନନା ଗ୍ରାମର ତ୍ରିଲୋଚନ ସାହୁ, ସତ୍ୟବାନ ସାହୁ ଓ ପ୍ରଦୀପ ସାହୁ କ୍ଷ ଏନେଇ ପୋଲିସ ୪୯୭/୨୫ନଂ ରେଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପାଣିରେ ଭାସୁଛି ରାହାଞ୍ଜ ଛକ, ରାଜନେତା ଠାରୁ ପ୍ରଶାସନ ସବୁ ନୀରବ

ଭଦ୍ରକ,୩/୧୦(ନି/ପ୍ର) :ଭଦ୍ରକ ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଲୋକାଲ ରୋଡ଼ର ଏ ଅବସ୍ଥା। ଜାତୀୟ ରାଜପଥ କାମ ବେଳେ ଅଣଦେଖା ଦେଉ ବା ଦୁରଦୃଷ୍ଟି ଅଭାବ ପାଇଁ ଆଜି ଦେଖା ଦେଇଛି ଏ ଅବସ୍ଥା। ରାସ୍ତା ତିଆରି ବେଳେ ରାସ୍ତାର ଉଚ୍ଚତା ଚାଷ ଜମିର ଉଚ୍ଚତାଠୁଁ କମ ହୋଇ ଥିବାରୁ ଚାଷ ଜମିର ପାଣି ଏହି ପୋଲ ଦେଇ ନିଷ୍କାସନ ହେଉଛି। ଯାହାକି ଯାତ୍ରୀ ଯିବା ପାଇଁ ଗଳା ପୋଲ କି ପାଣି ନାଳ ତାହା ଭ୍ରମ ସୃଷ୍ଟି ହେଉଛି। ଟିକେ ବର୍ଷା ହେଲେ ଏହି ରାସ୍ତାରେ ପାଣି ଜମୁଛି। ଯାହା ଫଳରେ ପଥଚାରୀ ଠାରୁ ଗାଡ଼ି ଚାଳକ ଯାଏ ନାହିଁ ନଥିବାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ପାଣି ପଶି ଗାଡ଼ି ବନ୍ଦ ହେଇ ଯାଉ ଥିବାରୁ ଗାଡ଼ି ବନାଇବା ପାଇଁ ଏକ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ଗଡ଼ାଇ ଯିବାକୁ ପଡୁଛି। ସବୁଠାରୁ ବଡ଼ କଥା ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯିବା ଆସିବା ସହ ନେତା ମନ୍ତ୍ରୀଙ୍କ ଠାରୁ ଜିଲ୍ଲା ପ୍ରଶାସନର ଅନେକ କର୍ମଚାରୀ ଯା ଆସ କରୁଥିଲେ ବି ଏ ସମସ୍ୟା ନଜରକୁ ଆସୁନାହିଁ। ଏହି ପାଣି ସମସ୍ୟା ନେଇ କିଛି ଯୁବ ନେତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ଅଭିଯୋଗ କରିଥିଲେ ବି ଫଳ ଶୂନ। ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପରେ ବି ଏଠି ନିଦାବିଷ୍ଟ ସାଜିଛନ୍ତି ଜିଲ୍ଲା ପ୍ରଶାସନ। ଆଗକୁ ଏଥି ନେଇ ବଡ଼ ଜନ ଆନ୍ଦୋଳନ ହେବ ଏଥିରେ ସନ୍ଦେହ ନାହିଁ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୪ ଅକ୍ଟୋବର ୨୦୨୫**

## ସାମାନ୍ୟ କଥନ: ମନ ଖୋଲିଦେବାର ପାଗଯୋଗ



ବେଶୀ ଜରୁରି ନ ଥିଲେ ପିଲା ପ୍ରାୟତଃ 'ହେଡ୍ ଚେମ୍ବର' (ବିଭାଗୀୟ ମୁଖ୍ୟଙ୍କ ପ୍ରକୋଷ୍ଠ)କୁ ଆସନ୍ତି ନାହିଁ। ଅଫିସରେ ଦସ୍ତଖତ ପାଇଁ କାଗଜମାନ ଜମା କରିଦିଅନ୍ତି। ସେ ଦିନ ଛାତ୍ରୀ ଜଣକ ଛୁଟିରେ ଯିବ ବୋଲି ମୋ ଚେମ୍ବରକୁ ଆସିଲା ଏବଂ କାଳେ ମୁଁ ବିରକ୍ତ ହେବି ଆଶଙ୍କା କରି ଭୟାର୍ତ୍ତ ମୁଦ୍ରାରେ ଆବେଦନ ପତ୍ର ଧରି ଛିଡ଼ା ହେଲା। ଅନ୍ୟ ବ୍ୟସ୍ତତା ଯୋଗୁଁ ତାକୁ ଟିକିଏ ଅପେକ୍ଷା କରିବାକୁ ଓ ସେ ପର୍ଯ୍ୟନ୍ତ ଛିଡ଼ା ନ ହୋଇ ବସିବାକୁ କହିଲି। ଦେଖିଲାରୁ ଜାଣିଲି ଯେ ଛୁଟିର କାରଣ ହରିଆଣାର ତା' ସହରକୁ ସେ ଡାକ୍ତରୀ ପରାମର୍ଶ ପାଇଁ ଯିବ। ପଚାରିଲି, ଘରକୁ ଯିବା ଲାଗି ଡାକ୍ତରୀ ପରାମର୍ଶ ବୋଧେ ବାହାନା ! ବିଚଳିତ ନ ହୋଇ ଝିଅଟି କହିଲା, 'ନା ସାର ପ୍ରତି ଦୁଇ ମାସରେ ମତେ ଡାକ୍ତରୀ ପରାମର୍ଶ ପାଇଁ ଯିବାକୁ ହୁଏ।' କହିଲି, 'ସୁସ୍ଥ ତ ଦେଖାଯାଉଛ; ପୁଣି ଡାକ୍ତରୀ ପରାମର୍ଶ କୋଉଥି ପାଇଁ ?'' ଆଗଭଳି ଅବିଚଳିତ ରହି ସେ କହିଲା, 'ମାନସିକ ରୋଗ।' ତା' ସିଧା ଜବାବ ଶୁଣି ତାକୁ ଅଧିକ ପଚାରିବା ଏବେ ମୋତେ କର୍ତ୍ତବ୍ୟ ଭଳି ମନେ ହେଲା। ତା' ଘରେ ପ୍ରତିଦିନ ମା'-ବାପାଙ୍କ ମଧ୍ୟରେ ଖୁବ୍ ଝଗଡ଼ା ହୁଏ। ସେହି କାରଣରୁ ଦୁଇ ବର୍ଷ ହେଲା ସେ ମାନସିକ ରୋଗୀ। ବାପା ସନ୍ଧ୍ୟାରେ ମଦ ପିଇ ଘରକୁ ଫେରନ୍ତି। ମା' ଝଗଡ଼ା ଆରମ୍ଭ କରନ୍ତି, କାରଣ ତଦ୍ଦ୍ୱାରା କିଡ୍ ?ନି ନଷ୍ଟ ହେବ; ଦୁଇ ଦୁଇଟି ଛୁଆଙ୍କୁ ସେ ବଡ଼ କରିବ କେମିତି ? ବାପା 'ପ୍ରପର୍ଟି ଡିଲର୍'; ଘରେ ଆର୍ଥିକ ଅସୁବିଧା ନାହିଁ; ଛୁଆଙ୍କୁ ସେ ଏତେ ଭଲ ପାଆନ୍ତି ଯେ ହଜାରେ ଟଙ୍କା ମାଗିଲେ ଦୁଇ ହଜାର ଦିଅନ୍ତି। ଘରର ବିଷାକ୍ତ ପରିବେଶରୁ ମୁକ୍ତ ରହିବ ବୋଲି ସାନ ଭାଇକୁ ବୋର୍ଡିଂ ସ୍କୁଲରେ ରଖିଛନ୍ତି। ସାନ ଭାଇ ତ 'ଟେନ୍‌ସନ୍'କୁ ସହ୍ୟ କରିନିଏ। କିନ୍ତୁ ଝିଅଟି ପାରେନା। ରାତି ରାତି ଧରି ଶୋଇ ପାରିଲାନି ବୋଲି ବାପା ତାକୁ ମାନସିକ ଡାକ୍ତରଙ୍କ ପାଖକୁ ନେଲେ। ଔଷଧ ଚାଲିଛି; ପ୍ରତି ଦୁଇ ମାସରେ ଥରେ ଡାକ୍ତରଙ୍କୁ ଭେଟିବାକୁ ପଡ଼େ। ଝିଅଟି କହିଲା, 'ମା' କହେ, ଆମ ଭାଇଭଉଣୀଙ୍କ ଯୋଗୁଁ ସେ ଆତ୍ମହତ୍ୟା କରି ପାରୁନାହିଁ। ଏବେ ଆମେ ବଡ଼ ହୋଇଗଲୁଣି। ମୋର ଡର ବାପା ଯଦି ମଦ ଛାଡ଼ିବେନି ମା' ଆତ୍ମହତ୍ୟା କରିବେ ଖୁବ୍ ଶୀଘ୍ର !' ଝିଅଟି ସବୁ କଥା ଏମିତି କହିଗଲା ଯେ ମଝିରେ ସ୍ପଷ୍ଟତା ପାଇଁ ମୋ ଆଡୁ କେ ?ଣସି ପ୍ରଶ୍ନର ଅବକାଶ ନ ଥିଲା। କହିଲା ବେଳେ ନା ସେ କାନ୍ଦୁଥିଲା ନା କଥାକୁ ଅଯଥା ଦୀର୍ଘ କରୁଥିଲା ! ମନେ ହେଲା, ଯେମିତି ଏ ଯାଏ ସେ ସବୁ କିଛି ଜମା କରି ରଖିଥିଲା, କାହା ଆଗରେ କହିବ ବୋଲି ! ଶୁଣିବା ପାଇଁ ମୋ ଠାରେ ଧୈ ?ର୍ଯ୍ୟ ଅଛି ବୋଲି ଆଭାସ ଦେବା ବ୍ୟତୀତ ତା' ସମସ୍ୟାକୁ ଉପଶମ କଲା ଭଳି ଅନ୍ୟ କେ ?ଣସି ବାଟ ମୋ ଠାରେ ନ ଥିଲା। ମୋତେ ଜଣା କ୍ଲାସ୍ ?ରେ ଏ ସବୁକୁ ନେଇ ମୁଁ ଚର୍ଚ୍ଚା ବି କରିପାରିବି ନାହିଁ; ପୁଣି କେବେ ଏକା ଭେଟ ହେଲେ ହୁଏତ ସେ ପ୍ରସଙ୍ଗଟି ପୁଣି ଉଠିପାରେ ! ପଚାରିଲି, 'ତୁମର କେହି ଅନ୍ତରଙ୍ଗ ସାଙ୍ଗ ନାହାନ୍ତି, ଯାହା ଆଗରେ ନିଜ କଥା କହିପାରିବ ?' ତା'ର ଉତ୍ତର ହେଲା, 'ଭଲ ସାଙ୍ଗ ଅଛନ୍ତି, ହେଲେ ମୁଁ କହିପାରେନା। ଲାଗେ, ଶୁଣିବେ ଯଦି ସେମାନେ ମୋ ପ୍ରତି ଦୟା ଭାବ ଦେଖାଇବେ। ସେମାନଙ୍କ ଆଗରେ ବାପା-ମା'ଙ୍କ ସମ୍ମାନ ରହିବନି। ଏହା ମୋର ଉଦ୍‌ବେଳନକୁ ଆହୁରି ବଢ଼େଇଦେବ !' 'ହେଲେ ମୋ ଆଗରେ ତ ସବୁ କହିଗଲ !', ମୁଁ ପଚାରିଲି। ସେ ଉତ୍ତର ଦେଲା, 'ଆପଣ ଥରେ କ୍ଲାସ୍‌ରେ କହିଥିଲେ, ଶିକ୍ଷକ ହେଉଛନ୍ତି ଉଭୟ ବାପା-ମା'ର ସମାହାର। ପିଲାମାନେ ପାଠ ସମସ୍ୟା ସାଙ୍ଗରେ ବ୍ୟକ୍ତିଗତ ସମସ୍ୟା ବି ଶିକ୍ଷକଙ୍କ ଆଗରେ ରଖିବା କଥା।' ମୋର ମନେ ପଡ଼ିଗଲା ଅନେକ ବର୍ଷ ତଳେ ମୋ ଶିକ୍ଷକ କହିଥିବା ଏହି କଥାଟିକୁ ଥରେ ମୁଁ ଶ୍ରେଣୀରେ କହିଥିଲି। ସେତେବେଳେ ଆମେ ଜେଏନ୍ ?ୟୁରେ ନୂଆ କରି ନାମ ଲେଖାଇ ଥାଉଁ। ଗାଁରୁ ଯାଇଥିବା କାରଣରୁ ଭାଷା ସମସ୍ୟା, ପାଠ ବୁଝିବାର ସମସ୍ୟା, ବନ୍ଧୁତା ତିଆରି କରିବା ନେଇ ସମସ୍ୟା ମୋତେ ଘେରି ରହିଥିଲା ! ଡ ବିପନ ଚନ୍ଦ୍ର ଶିକ୍ଷକ ଭାବରେ ଦିନେ କହିଥିଲେ ଏ କଥା। ତାଙ୍କ କହିବା କଥା, 'ସେ ହୁଏତ ସବୁ ସମସ୍ୟାର ସମାଧାନ କରିଦେଇ ନ ପାରନ୍ତି, ମାତ୍ର ଧୈର୍ଯ୍ୟ ଧରି ଶୁଣିବାରେ କେବେ କାର୍ପଣ୍ୟ କରିବେ ନାହିଁ।' ତା' ସତ୍ତ୍ୱେ ମୁଁ ସମସ୍ୟା ନେଇ ତାଙ୍କ ପାଖକୁ ଯିବାର ସାହସ କେବେ ଜୁଟେଇ ପାରି ନ ଥିଲି। କିନ୍ତୁ ତାଙ୍କ ପାଖରୁ ଆଶ୍ୱାସନା ମିଳିବା ପରେ ସେହି ନୂଆ ପରିବେଶରେ ନିଜକୁ ଅସହାୟ ମଣି ନଥିଲି। ମୋର ସେହି ଉଦ୍ଧୃତି ଏବେ ଝିଅଟିକୁ ତା' ସମସ୍ୟା ଖୋଲି କହିବା ପାଇଁ ସାହସ ଦେଲା। ସେ ଦିନ କ୍ଲାସ୍‌ରେ ଏହା କହିବା ବେଳେ ମୁଁ କେବେ କଳ୍ପନା କରି ନ ଥିଲି ଯେ ଏମିତି କେବେ ଦିନେ ଘଟିବ ! ଝିଅଟି ଶେଷରେ କହିଲା, 'ସାର୍, ପ୍ରତ୍ୟେକ ବ୍ୟକ୍ତିର ସମସ୍ୟା ରହିଛି। ଆପଣ ବି କେବେ ସମସ୍ୟା ମୁକ୍ତ ହୋଇ ନ ଥିବେ ! ହେଲେ, ଶୁଣିବା ଲୋକ ସମାନୁଭୂତି ବଦଳରେ ସହାନୁଭୂତି ପ୍ରଦର୍ଶନ କଲେ, ସମସ୍ୟା ଅଧିକ ଭାରି ହୋଇଗଲା ଭଳି ଲାଗେ। ସାଙ୍ଗମାନଙ୍କ ତୁଳନାରେ ଶିକ୍ଷକମାନେ ଛାତ୍ରମାନଙ୍କ ପାଇଁ ଅଧିକ ଆସ୍ଥାଭାଜନ ହୋଇ ଥାଆନ୍ତି। କାରଣ ଶିକ୍ଷକ ବୟସରେ ବଡ଼; ପଥ ପ୍ରଦର୍ଶକ ଭଳି। ତେଣୁ ପିଲାଟିଏ ତାଙ୍କ ଆଗରେ ଅକାତରେ ନିଜ କଥା ଖୋଲି କହିଦେଇପାରେ। କେବଳ ସେହି ପ୍ରତ୍ୟୟ ଲୋଡ଼ା, ଯାହା ଆଜି ମୁଁ ଆପଣଙ୍କ ଚେମ୍ବରକୁ ଆସି ପାଇଲି। ଆପଣ ବିରକ୍ତ ହେଲେନି; ମତେ ବସିବାକୁ କହିଲେ; ଛୁଟିରେ ଯିବାର କାରଣ ଜାଣିବାକୁ ଚାହିଲେ। ମୁଁ ମୁହଁ ଖୋଲିବାକୁ ସାହସ ପାଇଗଲି।' ଝିଅଟିର ବୁଦ୍ଧି ଓ ପରିପକ୍ୱତା ମୋତେ ପ୍ରଭାବିତ ତ କଲା, ସେଥିରୁ ଏକ ବଡ଼ ଶିକ୍ଷା ମଧ୍ୟ ପାଇଲି। ଆଗରୁ ବିଭିନ୍ନ କାମ ସକାଶେ ମୋତେ ଏକା ଭେଟିବାକୁ ଆସୁଥିବା ଅନେକ ପିଲାଙ୍କୁ ସମୟ ନ ଦେଇ ଯିବାକୁ କହିଛି। ମୋତେ ଲାଗିଲା ସେହି ଛାତ୍ରଛାତ୍ରୀମାନେ ମୋ ପାଖକୁ କେ ?ଣସି କାମ ନେଇ ଆସିବା ହୁଏତ କେବଳ ବାହାନା ହୋଇଥିବ ! ସେମାନେ ହୁଏ'ତ ନିଜ ମନ କଥା ଖୋଲି କହିଦେବା ଲାଗି ଆସିଥିବେ ଏବଂ ମୋ ଠାରେ ସେ ସମ୍ଭାବନା ନିବୁଜ ଦେଖି ଫେରି ଯାଇଥିବେ ! ସେହି ଛାତ୍ରୀ ମୋତେ ସେ ଦିନ ସଚେତନ କରି ଦେଇଗଲା।

# ମଲମ ବିକ୍ରି

ଏକ ବିଶେଷଜ୍ଞ ଆକଳନ ଅନୁସାରେ ଶକ୍ତି ବ୍ୟବହାରରେ ପରିବର୍ତ୍ତନ ସହିତ ଖାପ ଖାଇବା ପାଇଁ ୨୦୩୦ ସୁଦ୍ଧା ବିକାଶଶୀଳ ଦେଶମାନେ ବାର୍ଷିକ ପ୍ରାୟ ୧୪୦ ବିଲିଅନ୍ ଡଲାରରୁ ୩୦୦ ବିଲିଅନ୍ ଡଲାର୍ ପର୍ଯ୍ୟନ୍ତ ସମ୍ବଳ ଆବଶ୍ୟକ କରିବେ। ବାକୁ ସମ୍ମିଳନୀରେ ଯଦି ଏଇଭଳି ବିତ୍ତୀୟ ସହାୟତା ସମ୍ଭବ ହେବା ପାଇଁ ଆବଶ୍ୟକ ଆନ୍ତର୍ଜାତିକ ସହଯୋଗ ସମ୍ବନ୍ଧରେ ବାସ୍ତବ ପଦକ୍ଷେପ ନିଆ ନ ଯାଏ, ତେବେ ତାହା 'କପ୍-୨୯'ର 'ସିଇଓ'ଙ୍କ ଆଚରଣ ଭଳି ଏକ ଶଠତାପୂର୍ଣ୍ଣ ମଲମ ବିକ୍ରି କସରତରେ ସମାପ୍ତ ହେବ। କେନ୍ଦ୍ରୀୟ ଏସିଆର ସଂପୂର୍ଣ୍ଣ ରୂପେ ତୈଳ-ନିର୍ଭରଶୀଳ ଦେଶ ଆଜରବେଜାନ୍‌ର ରାଜଧାନୀ ବାକୁ ଠାରେ ନଭେମ୍ବର ୧୧-୨୨ ମଧ୍ୟରେ ଅନୁଷ୍ଠିତ ହେଉଥିବା ଜାତିସଂଘର ଶୀର୍ଷ ଜଳବାୟୁ ସମ୍ମିଳନୀ 'କପ୍-୨୯' ଅନେକ ପରିବେଶ କର୍ମୀ ଓ ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଛି, ତାହା ହେଉଛି କବି ରବି ସିଂଙ୍କର ସେଇ ସୁପରିଚିତ କବିତାର ପ୍ରତିଧ୍ୱନି ପରି: ''ଯାଦୁଆ ବିକୁଛି ଯାଦୁର ମଲମ/ ମଦୁଆ ଉଡ଼ାଏ ନିଶା ନିବାରଣ ବାନା।'' ଏଭଳି ପ୍ରତିକ୍ରିୟାର କାରଣ ହେଲା ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ପାଇଁ ମୁଖ୍ୟତଃ ଦାୟୀ ପେଟ୍ରୋଲିଅମ୍ ଓ ପ୍ରାକୃତିକ ବାଷ୍ପ ହେଉଛନ୍ତି ଆଜରବେଜାନ୍‌ର ମୁଖ୍ୟ ରପ୍ତାନି ଦ୍ରବ୍ୟ, ଯାହାର ସେ ଦେଶର ମୋଟ ରପ୍ତାନିରେ ଅଂଶ ହେଉଛି ୯୦ ଶତାଂଶ। ସେହିପରି ସେ ଦେଶର ମୋଟ ଜାତୀୟ ଉତ୍ପାଦ ବା 'ଜିଡିପି'ରେ ଏ ଦୁଇ ଜଳବାୟୁ-ଅପରାଧୀଙ୍କର ଅଂଶ ହେଉଛି ଏକ-ତୃତୀୟାଂଶ। ସତେ ଯେମିତି ଆଜରବେଜାନ୍‌କୁ ଅପ୍ରସ୍ତୁତ କରିବା ପାଇଁ ଏହି ଅର୍ଥନୈତିକ ପରିସଂଖ୍ୟାନ ଯଥେଷ୍ଟ ନ ଥିଲା, ଏହି ସମ୍ମିଳନୀ ଆୟୋଜନର ଅବ୍ୟବହିତ ପୂର୍ବରୁ ଏହା ଦାୟିତ୍ୱରେ ଥିବା ମୁଖ୍ୟ ଅଧିକାରୀ ('ସିଇଓ')ଙ୍କର ଗୋପନରେ ରେକର୍ଡ କରାଯାଇଥିବା ଯେଉଁ ଏକ କାର୍ଯ୍ୟ ଏବେ ପ୍ରସାରିତ ହେବାରେ ଲାଗିଛି, ତାହା ରବି ସିଂଙ୍କର ଉପରୋକ୍ତ କବିତାକୁ ଆହୁରି ଶକ୍ତିଶାଳୀ ଢଙ୍ଗରେ ସେଠାରେ ପ୍ରାସଙ୍ଗିକ କରି ତୋଳିଛି। ଏହି ଭିଡିଓରେ 'କପ୍-୨୯'ର 'ସିଇଓ' ଏଲ୍‌ଚିନ୍ ଗୁଲିୟେଭ୍ ତାଙ୍କ ଦେଶରେ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନରେ ପୁଞ୍ଜି ନିବେଶ କରିବା ପାଇଁ ତୈଳ ଓ ଗ୍ୟାସ୍ କଂପାନିମାନଙ୍କୁ ଆମନ୍ତ୍ରଣ କରିବା ଦେଖାଯାଇଛି, ଯେଉଁଥିରେ ସେ କହିଛନ୍ତି ଯେ ଏଥିପାଇଁ ଆଜରବେଜାନ୍‌ର ''ଦ୍ୱାର ଖୋଲା ରହିଛି''। ଜାତିସଂଘର ଜଳବାୟୁ ବିଜ୍ଞାନ ସଂଗଠନ 'ଦି ଇଣ୍ଟର ଗଭର୍ନମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ' ('ଆଇପିସିସି') ଅବଶ୍ୟ ସ୍ୱୀକାର କରିଥାଏ ଯେ ଅନ୍ତତଃ ୨୦୫୦ ପର ପର୍ଯ୍ୟନ୍ତ ପୃଥିବୀରେ ତଥାପି କିଛି କିଛି ପରିମାଣରେ ତୈଳ ଓ ପ୍ରାକୃତିକ ବାଷ୍ପ ବ୍ୟବହାର ଲୋଡ଼ା ହେବ। କିନ୍ତୁ ବିଶ୍ୱ ତାପନରେ ବୃଦ୍ଧିକୁ ୧.୫ ଡିଗ୍ରି ସେଲ୍‌ସିଅସ୍ ମଧ୍ୟରେ ସୀମିତ ରଖିବା ନିମିତ୍ତ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ନୂତନ ତୈଳ ଓ ଗ୍ୟାସ୍ କ୍ଷେତ୍ର ଖନନ ତାହାର ସଂପୂର୍ଣ୍ଣ ପରିପନ୍ଥୀ ହୋଇଥିବାରୁ ଖୋଦ୍ 'କପ୍-୨୯'ର ଆୟୋଜକ ଏହି ଜଳବାୟୁ-ବିରୋଧୀ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏକ ଅନ୍ତର୍ଘାତୀ କାର୍ଯ୍ୟର ରୂପ ପରିଗ୍ରହଣ କରିଥାଏ। କିନ୍ତୁ ଏହି ଅସ୍ୱସ୍ତିକର ଘଟଣା ପ୍ରକାଶ ପାଇବା ପରେ ମଧ୍ୟ ବାକୁ ଠାରେ ପୂର୍ବ ନିର୍ଦ୍ଧାରିତ ଖସଡ଼ା ଅନୁସାରେ ଜଳବାୟୁ ସମ୍ମିଳନୀ ଆୟୋଜିତ ହେବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା। ଦୁବାଇ ଠାରେ ଏହାର ପୂର୍ବବର୍ତ୍ତୀ ସମ୍ମିଳନୀ 'କପ୍-୨୮' ଅନୁଷ୍ଠିତ ହେବା ପରେ ବର୍ତ୍ତମାନ ଯେଉଁ ସମୟରେ ବାକୁ ଠାରେ ଏହି 'କପ୍-୨୯' ଅନୁଷ୍ଠିତ ହେଉଛି, ତାହା ହେଉଛି ସ୍ପେନ୍‌ରୁ ଆରମ୍ଭ କରି ଫିଲିପିନ୍‌ସ ଓ ଆମେରିକା ପର୍ଯ୍ୟନ୍ତ ପ୍ରଳୟଙ୍କରୀ ବର୍ଷା ଓ ଘୂର୍ଣ୍ଣିବାତ୍ୟା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହେବାର ସମୟ, ଯାହା ହେଉଛି ଜଳବାୟୁ ପରିବର୍ତ୍ତନର ପରିଣାମ ବୋଲି ସମସ୍ତେ ଏକମତ ହୋଇଥାନ୍ତି। ଏ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ 'କପ୍-୨୯' ଆୟୋଜନର ଆବଶ୍ୟକତାକୁ ଶକ୍ତିଶାଳୀ ଭାବରେ ବିଶ୍ୱବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ। ୨୦୨୩ ଡିସେମ୍ବରରେ ଦୁବାଇ ଠାରେ ଆୟୋଜିତ 'କପ୍-୨୮' ବିଭିନ୍ନ ଦୃଷ୍ଟିରୁ ଜଳବାୟୁ ସୁରକ୍ଷା ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା, ଯେଉଁଥିରେ ୨୦୩୦ ସୁଦ୍ଧା ପୃଥିବୀରେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତାରେ ତିନିଗୁଣ ବୃଦ୍ଧି ଘଟାଇବାକୁ ଓ ଶକ୍ତି ଦକ୍ଷତାକୁ ଦ୍ୱିଗୁଣିତ କରିବା ପାଇଁ ସଦସ୍ୟ ଦେଶମାନେ ଶପଥ ଗ୍ରହଣ କରିଥିଲେ। କିନ୍ତୁ ଏହି ଘୋଷଣା ସତ୍ତ୍ୱେ ଏଥିରେ ଯେଉଁ ଅଗ୍ରଗତି ପରିଲକ୍ଷିତ ହୋଇଛି, ତାହା ବିପଜ୍ଜନକ ଭାବରେ ମନ୍ଥର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିପଜ୍ଜନକ ଏଇଥିପାଇଁ ଯେ, ଯଦି ବର୍ତ୍ତମାନର ତାପନ ଧାରା ଅବ୍ୟାହତ ରହେ, ତେବେ ସେଥିରେ ପ୍ରାକ୍-ଶିଳ୍ପଯୁଗୀୟ ସ୍ତର ଠାରୁ ୨.୪ ଡିଗ୍ରି ସେଲ୍‌ସିଅସ୍ ବୃଦ୍ଧି ଘଟିବା ପୂର୍ବରୁ ତାହାକୁ ଅଟକାଇ ହେବ ନାହିଁ, ଯାହା ପୃଥିବୀବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହେବା ନିଶ୍ଚିତ। 'କପ୍' ଭାଷାରେ କହିଲେ, ଏପରି ଘଟିଲେ ୨୦୧୫ର ପ୍ୟାରିସ୍ ଠାରେ ଅନୁଷ୍ଠିତ 'କପ୍-୨୧'ରେ ସ୍ଥାପିତ ଉପରୋକ୍ତ ୧.୫ ଡିଗ୍ରି ସେଲ୍‌ସିଅସ୍ ତାପନ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ସେତେବେଳେ ନିର୍ଗମନ ନିୟନ୍ତ୍ରଣ ନିମିତ୍ତ ସଦସ୍ୟ ଦେଶମାନଙ୍କ ପାଇଁ ଯେଉଁ 'ନେସ୍‌ନାଲି ଡିଟରମାଇନ୍‌ଡ କଣ୍ଟ୍ରିବ୍ୟୁସନ୍‌ସ' ('ଏନ୍‌ଡିସି') ନିଶାଣମାନ ସ୍ଥାପିତ ହୋଇଥିଲା ତାହା ହାସଲ କରିବା ପାଇଁ କିଭଳି ବାସ୍ତବ ପଦକ୍ଷେପମାନ ନିଆଯିବ, 'କପ୍-୨୯'ରେ ସଦସ୍ୟ ଦେଶମାନେ ତାହାର ପ୍ରକୃତ ରୂପରେଖ ନିରୂପଣ କରିବା ନିତାନ୍ତ ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦେଶର ଚରିତ୍ର ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଳ ଯୋଗାଣ, ଯୋଜନା ରୂପାୟନ ଓ ଆନ୍ତର୍ଜାତିକ ସହଯୋଗ ନିମିତ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ। ଉଦାହରଣ ସ୍ୱରୂପ ତୈଳ ଆମଦାନି ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରୁଥିବା ଦେଶମାନଙ୍କ ପାଇଁ (ଯେମିତି ଉତ୍ତର ଆଫ୍ରିକାର ଦେଶସମୂହ) ଅକ୍ଷୟ ଶକ୍ତିର ପ୍ରସାର ସଂପୂର୍ଣ୍ଣ ଲାଭଜନକ ହୋଇଥିବା ବେଳେ ଏସିଆର ବୃହତ୍ ଅର୍ଥନୀତିମାନଙ୍କ ପାଇଁ ସେଭଳି ହୋଇ ନ ଥାଏ। ଏଠାରେ ଅର୍ଥନୀତିର ଏକ ବୃହତ୍ ଅଂଶ ତୈଳ ଓ ପ୍ରାକୃତିକ ବାଷ୍ପ ବ୍ୟବହାର ଉପରେ ନିର୍ଭରଶୀଳ ହୋଇଥିବାରୁ, ସେଥିରେ ହଠାତ୍ ପରିବର୍ତ୍ତନ ଘଟିଲେ ଲୋକମାନଙ୍କର ଜୀବନ ଓ ଜୀବିକାରେ ଘୋର ବିଭ୍ରାଟ ସୃଷ୍ଟି ହୋଇପାରେ। ସଂପୃକ୍ତ ଶିଳ୍ପମାନ ମଧ୍ୟ ଏହି ଉଦ୍ୟମର ପ୍ରତିରୋଧ କରିପାରନ୍ତି। ଏଥିରେ ସନ୍ଦେହ ନାହିଁ ଯେ ଅକ୍ଷୟ ଶକ୍ତି ହେଉଛି ଦୀର୍ଘକାଳୀନ ଲାଭମାନଙ୍କର ଉତ୍ସ। କିନ୍ତୁ ତାହା ହାସଲ କରିବା ପାଇଁ ଗ୍ରିଡ୍ ସ୍ଥାପନ, ଶକ୍ତି ସଂରକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା ଆଦିରେ ବିପୁଳ ପୁଞ୍ଜି ନିବେଶ ଲୋଡ଼ା ହୋଇଥାଏ। 'ଇଣ୍ଟର୍‌ନେସ୍‌ନାଲ୍ ଏନର୍ଜି ଏଜେନ୍‌ସି' ('ଆଇଇଏ')ର ଆକଳନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଭାରତରେ ଅକ୍ଷୟ ଶକ୍ତିର ପ୍ରସାର ଘଟାଇବାକୁ ହେଲେ ୨୦୩୦ ସୁଦ୍ଧା ୧.୪ ଟ୍ରିଲିଅନ୍ ଡଲାର୍ ନିବେଶ ଆବଶ୍ୟକ ହେବ। ଆନ୍ତର୍ଜାତିକ ସହଯୋଗ ବିନା ଏହା ସମ୍ଭବ ହେବା କଷ୍ଟ। ମଧ୍ୟପ୍ରାଚ୍ୟ, ପଶ୍ଚିମ ଆଫ୍ରିକା କିମ୍ବା ଦକ୍ଷିଣ ଆମେରିକାର ଯେଉଁ ଦେଶମାନଙ୍କର ଅର୍ଥନୀତି ମୁଖ୍ୟତଃ ତୈଳ ଓ ବାଷ୍ପ ରପ୍ତାନି ଉପରେ ନିର୍ଭରଶୀଳ, ସେମାନଙ୍କ ପାଇଁ ଶକ୍ତି ବ୍ୟବହାରରେ ଏଭଳି ପରିବର୍ତ୍ତନ ଏକ ଗୁରୁତର ଅର୍ଥନୈତିକ ଆହ୍ୱାନ ସୃଷ୍ଟି କରିଥାଏ। ବର୍ତ୍ତମାନ ସାଉଦି ଆରବ ଉଦ୍ୟମ କରୁଥିବା ଭଳି ସେ ସବୁ ଦେଶରେ ଅର୍ଥନୈତିକ ଢାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ ହେବ, ଯେଉଁଥିପାଇଁ ଆନ୍ତର୍ଜାତିକ ସହଯୋଗ ଓ ପୁଞ୍ଜି ନିବେଶ ଆବଶ୍ୟକ ହେବ। ଏକ ବିଶେଷଜ୍ଞ ଆକଳନ ଅନୁସାରେ ଶକ୍ତି ବ୍ୟବହାରରେ ପରିବର୍ତ୍ତନ ସହିତ ଖାପ ଖାଇବା ପାଇଁ ୨୦୩୦ ସୁଦ୍ଧା ବିକାଶଶୀଳ ଦେଶମାନେ ବାର୍ଷିକ ପ୍ରାୟ ୧୪୦ ବିଲିଅନ୍ ଡଲାରରୁ ୩୦୦ ବିଲିଅନ୍ ଡଲାର୍ ପର୍ଯ୍ୟନ୍ତ ସମ୍ବଳ ଆବଶ୍ୟକ କରିବେ। ବାକୁ ସମ୍ମିଳନୀରେ ଯଦି ଏଇଭଳି ବିତ୍ତୀୟ ସହାୟତା ସମ୍ଭବ ହେବା ପାଇଁ ଆବଶ୍ୟକ ଆନ୍ତର୍ଜାତିକ ସହଯୋଗ ସମ୍ବନ୍ଧରେ ବାସ୍ତବ ପଦକ୍ଷେପ ନିଆ ନ ଯାଏ, ତେବେ ତାହା 'କପ୍-୨୯'ର 'ସିଇଓ'ଙ୍କ ଆଚରଣ ଭଳି ଏକ ଶଠତାପୂର୍ଣ୍ଣ ମଲମ ବିକ୍ରି କସରତରେ ସମାପ୍ତ ହେବ।

# ସରସ ଶୈଶବର ସ୍ୱପ୍ନ ଓ ବାସ୍ତବତା



ପୃଥିବୀ ପୃଷ୍ଠକୁ ଗୋଟିଏ ଶିଶୁର ଆଗମନ ଉଭୟ ଏକ ସାଧାରଣ ଓ ଅସାଧାରଣ ଘଟଣା। ସାଧାରଣ ଦୃଷ୍ଟିରେ ଏହା ଜାନ୍ତବ ଜୀବନରେ ଏକ ଜୀବ ବୈ ?ଜ୍ଞାନିକ ପ୍ରକ୍ରିୟାର ପରିଣାମ। ଏହା ଅସାଧାରଣ ଏଇଥିପାଇଁ ଯେ ସ୍ରଷ୍ଟାଙ୍କ ସୃଷ୍ଟିରେ ଶିଶୁ ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି। ଶୈଶବ ହେଉଛି ଜୀବନର ସବୁଠାରୁ କୋମଳ, ନମନୀୟ, ଗଠନାତ୍ମକ ଓ ସହଜରେ ପ୍ରଭାବିତ ହେଉଥିବା ଏକ ଅତି ମୂଲ୍ୟବାନ ପର୍ଯ୍ୟାୟ। ଶୈଶବ ହେଉଛି ସରଳତା, ନମ୍ରତା, ପବିତ୍ରତା, ସାଧୁତା ଓ ନିର୍ଭୀକତାର ପ୍ରତୀକ। ଏହି କାରଣରୁ ଶିଶୁଟିଏ ପୃଥିବୀକୁ ଆସିବା ପରେ ପିତାମାତା, ପରିବାର ସଦସ୍ୟ ଓ ପ୍ରତିବେଶୀମାନଙ୍କ ମନ ଅପୂର୍ବ ହର୍ଷ ଉଲ୍ଲାସରେ ଭରିଯାଏ। ସେମାନେ ପ୍ରାର୍ଥନା କରନ୍ତି, 'ଦୀର୍ଘାୟୁ ହୁଅ, ଶତାୟୁ ହୁଅ, ଏକଶତ ଶରତର ସବୁଜିମା, ସୌରଭ ଓ ସୌନ୍ଦର୍ଯ୍ୟ ଦେଖ ଓ ଉପଭୋଗ କର, ଏକଶତ ଶରତର ଶୁଭ୍ର ଓ କମନୀୟ ଭାଷାରେ ମାନବିକତାକୁ ଉଜ୍ଜୀବିତ ଓ ଉଦ୍ଦୀପ୍ତ କର' (ଶୁକ୍ଳ ଯଜୁର୍ବେଦ)। କିନ୍ତୁ ଏକ ଦାରୁଣ ବାସ୍ତବତା ହେଲା ଏହି ହର୍ଷ ଉଲ୍ଲାସ, ଆନନ୍ଦ ଉଦ୍ଦୀପନା କ୍ଷଣସ୍ଥାୟୀ। ମା'ଙ୍କର ସୁରକ୍ଷିତ ଗର୍ଭରୁ ପୃଥିବୀ ପୃଷ୍ଠକୁ ଆସିବା ପରେ ଶିଶୁଟି ଉତପ୍ତ ପୃଥିବୀର ତାପ, ବାଷ୍ପ, ଧୂମ ଓ ଶବ୍ଦଜନିତ ପ୍ରଦୂଷଣର ସମ୍ମୁଖୀନ ହୁଏ। କୁପୋଷଣରୁ ମା' ରକ୍ତହୀନ ହେଲେ ସଦ୍ୟପ୍ରସୂତ ଶିଶୁଟି କୁଆଁ କୁଆଁ କାନ୍ଦିପାରେ ନାହିଁ। ଭୌତିକ ଜୀବନର ଛଦ୍ମତା, ଆତ୍ମକୈନ୍ଦ୍ରିକତା, ସ୍ୱାର୍ଥାନ୍ଧତା, ଘୃଣା, ଅହଙ୍କାର, ବିଦ୍ୱେଷ, ଈର୍ଷା ଓ କୃତ୍ରିମ ଭେଦଭାବର ବିଷ ପରିବେଶକୁ ଆହୁରି ଉତ୍କଟ ଓ ଆହୁରି ଜଟିଳ କରିଦିଏ। ଲିଙ୍ଗଜନିତ ଭେଦଭାବ ସବୁଠାରୁ ଉଦ୍‌ବେଗର କାରଣ ହୁଏ। ଏହି ଭେଦଭାବ ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ ପ୍ରକ୍ରିୟା ଦେଇ ପ୍ରତିଫଳିତ ହୁଏ, ଯାହାର ପରିଣାମ ହୁଏ ଭ୍ରୂଣ ହତ୍ୟା ଓ କନ୍ୟା ଶିଶୁ ହତ୍ୟା। ଏହା ଲିଙ୍ଗ ଅନୁପାତରେ ବୈ ?ଷମ୍ୟ ଆଣିଦିଏ। ଶିଶୁ ଜନ୍ମ ହେବା ପରେ ଏହି ଭେଦଭାବ ଶିଶୁର ଲାଳନପାଳନ, ଖାଦ୍ୟ, ବସ୍ତ୍ର, ଶିକ୍ଷାଲାଭ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତତ୍ତ୍ୱାବଧାନରେ ପରିଲକ୍ଷିତ ହୋଇଥାଏ। ଏକ ନିରୀହ, ନିଷ୍ପାପ, ନିରପରାଧ ଓ ନିଷ୍କଳଙ୍କ ଶିଶୁର ସାମଗ୍ରିକ ବିକାଶ - ଭୌତିକ, ଅଧିଭୌତିକ, ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ - ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏପରି ଏକ ପରିବେଶ, ଯାହା ଆଦର, ଯତ୍ନ, ଆଶ୍ୱାସନା, ପ୍ରୋତ୍ସାହନ, ହସ୍ତକ୍ଷେପମୁକ୍ତ ଓ ପ୍ରତିବନ୍ଧଶୂନ୍ୟ ଅବାଧ ସାବଳୀଳତା ଉପରେ ଆଧାରିତ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ପୃଥିବୀ ପୃଷ୍ଠରେ ମା'ବାପାଙ୍କ ତୁଳନାରେ ଅଧିକ ପ୍ରାଣ-ପ୍ରାଚୁର୍ଯ୍ୟପୂର୍ଣ୍ଣ ଓ ସ୍ୱତଃସ୍ଫୂର୍ତ୍ତ ସ୍ନେହଶ୍ରଦ୍ଧା ଶିଶୁକୁ କେହି ଦେଇ ନ ପାରେ। ଏକଥା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ଉତ୍କଟ ଦାରିଦ୍ର୍ୟ, ସ୍ୱାଧୀନ ଓ ଲାଭଦାୟକ ନିଯୁକ୍ତିର ଅଭାବ, ଭୂମି ଓ ସମ୍ବଳହୀନତା ଓ ସୀମିତ ଆୟ କାରଣରୁ ବାପାମା' ୬-୧୪ ଆୟୁ ବର୍ଗର ପିଲାମାନଙ୍କୁ ବୟସୋପଯୋଗୀ ବିଦ୍ୟାଳୟ କକ୍ଷରେ ଦାଖଲ ନ କରାଇ ଶାରୀରିକ ଶ୍ରମ କରାଇବାକୁ ବାଧ୍ୟ ହୋଇଥାନ୍ତି। ପରିଣାମ ସ୍ୱରୂପ ଏହି ପିଲାମାନେ ସମାନ ବୟସର ପିଲାମାନଙ୍କ ସହ ଶିକ୍ଷା ଲାଭ ଓ ନ୍ୟୂନତମ ଶୈ ?କ୍ଷିକ କୌ ?ଶଳ ଅର୍ଜନ କରିବାରୁ ବଞ୍ଚିତ ହୋଇଥାଆନ୍ତି। ନିରକ୍ଷରତା ଓ ଅସଚେତନତା କାରଣରୁ ବାପାମା' ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ ଯେ ଏହା ଦ୍ୱାରା କଳିକାତୁଲ୍ୟ ଶୈଶବ ପୂର୍ଣ୍ଣ ପ୍ରସ୍ଫୁଟିତ ହେବାରୁ ବଞ୍ଚିତ ହୋଇଗଲା। ଧୂଳି, ତାପ, ବାଷ୍ପ, ଧୂମ ଓ ପ୍ରଦୂଷଣ ଜର୍ଜର ପ୍ରତିକୂଳ ପରିବେଶ ଯେ ଗୋଟିଏ ଶିଶୁର ସାମଗ୍ରିକ ବିକାଶର ସଂପୂର୍ଣ୍ଣ ପରିପନ୍ଥୀ, ଏହା ସେମାନେ ହୃଦୟଙ୍ଗମ କରିପାରନ୍ତି ନାହିଁ ବା କାଁଭାଁ କଲେ ମଧ୍ୟ ପ୍ରତିକୂଳ ଆର୍ଥିକ ପରିସ୍ଥିତିରେ ପଡ଼ି ଅସହାୟ ବା ନିରୁପାୟ ହୋଇ ରହନ୍ତି। ଏକଥା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ଶୈଶବ ଥରେ ଧ୍ୱସ୍ତ ହୋଇଗଲେ ଆଉ ପୂର୍ବାବସ୍ଥାକୁ ଫେରିଆସି ପାରେନାହିଁ। ଯେଉଁ ବାପାମା'ମାନେ ପିଲାମାନଙ୍କୁ ଶିକ୍ଷାଦାନରୁ ବଞ୍ଚିତ କରି ଶ୍ରମରେ ନିୟୋଜିତ କରୁଛନ୍ତି, ସେମାନେ ନିଜକୁ ପଚାରିବା ଉଚିତ ଯେ ବର୍ଷ ବର୍ଷ ଧରି ସେମାନେ ଯାହା କରିଆସୁଛନ୍ତି, ତହିଁରେ ନିଜର ଶିଶୁ ସନ୍ତାନକୁ ଅନ୍ତର୍ଭୁକ୍ତ କରାଇ ସେହି ଧାରାକୁ ନିରନ୍ତରତା ପ୍ରଦାନ କରିବାର ନୈତିକ ଅଧିକାର ସେମାନଙ୍କର ଅଛି କି ? ଯଦି ଏହାର ଉତ୍ତର ହୁଏ 'ନାହିଁ', ତା'ହେଲେ ସେମାନେ ତାଙ୍କର ରୁଗ୍ଣ ମାନସିକତାରୁ ମୁକ୍ତ ହେବା ଏକାନ୍ତ ଆବଶ୍ୟକ। ରୁଗ୍ଣ ମାନସିକତା କେବଳ ବାପାମା' ବା ଶିଶୁର ଅଭିଭାବକମାନଙ୍କ ପାଖରେ ସୀମିତ ରହିନାହିଁ। ଯେଉଁ ନିଯୁକ୍ତିଦାତାମାନେ ଶିଶୁମାନଙ୍କୁ ବୟସ ଅନୁପଯୁକ୍ତ, ସ୍ୱାସ୍ଥ୍ୟ ପ୍ରତିକୂଳ ଓ ବିପଦସଂକୁଳ କାମରେ ଲଗାନ୍ତି ସେମାନେ ମଧ୍ୟ ଶୈଶବର ଅକାଳ ସମାପ୍ତି ଘଟାଇଥିବାରେ ସମ ବା ଅଧିକ ପରିମାଣରେ ଦାୟୀ। ସେମାନେ ଭାବନ୍ତି ଯେ ଶିଶୁମାନେ ବିନା ଦ୍ୱିଧା ଓ ପ୍ରତିବାଦରେ କଥା ଶୁଣିବେ ଓ ପାଳନ କରିବେ, କୌଣସି ବିବାଦୀୟ ପରିସ୍ଥିତିରେ ପକାଇବେ ନାହିଁ ଏବଂ ସେମାନଙ୍କର ନମନୀୟ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ ଓ ଉତ୍ପାଦକତା ପ୍ରକ୍ରିୟା ପାଇଁ ଅନୁକୂଳ ହେବ। ଏଭଳି ଧାରଣା ଦୁର୍ଭାଗ୍ୟଜନକ ଏବଂ ଶିଶୁର ସର୍ବାଙ୍ଗୀନ ବିକାଶ ଲାଗି ଏହାକୁ ପରିହାର କରିବା ଜରୁରି। ସମାନୁଭୂତି ଓ ସମ୍ବେଦନଶୀଳତାର ସହ କେତେକ ପ୍ରଶ୍ନର ଉତ୍ତର ଖୋଜିବାକୁ ହେବ; ଯେମିତି କି କେଉଁ କାରଣରୁ ଆଜି ପିଢ଼ିର ପିଲାମାନେ ପଥଭ୍ରଷ୍ଟ କେଉଁ କେଉଁ କାରଣରୁ ଜୀବନ ଚକ୍ରର ସବୁଠାରୁ ମୂଲ୍ୟବାନ ଶୈଶବାବସ୍ଥା ଆଜି ବିପର୍ଯ୍ୟସ୍ତ କେଉଁ କେଉଁ କାରଣରୁ ପରିବାର ଓ ପ୍ରତିବେଶ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଅନୁକୂଳ ହେଉ ନାହିଁ ? କାହିଁକି ଆଇନ ଦ୍ୱାରା ନିଷିଦ୍ଧ ହେଲେ ମଧ୍ୟ ବାପାମା' ଓ ଶିକ୍ଷକ ଶିଶୁମାନଙ୍କୁ ଶାରୀରିକ ଦଣ୍ଡ (ଏହା ମଧ୍ୟ ମାନସିକ ଓ ମୌଖିକ)ରୁ ନିଷ୍କୃତି ଦେଉନାହାନ୍ତି ? କାହିଁକି ନିରୀହ ଓ ନିଷ୍ପାପ ଶିଶୁମାନଙ୍କୁ ଘୃଣ୍ୟ ଯୌନ ଶୋଷଣ, ଅନେକ ଅନୈତିକ ଓ ଅବୈଧ କାରବାରର ଶିକାର ହେବାକୁ ପଡୁଛି ? କାହିଁକି ଆଜି ଅଧିକାଂଶ ପାରିବାରିକ ବାତାବରଣ ଅସନ୍ତୁଳିତ ବିବାହ ବା ଅନ୍ୟ କାରଣରୁ ତିକ୍ତ ଓ କଳୁଷିତ ହୋଇ ଶିଶୁମାନଙ୍କୁ ଅସୁରକ୍ଷା ଓ ହତାଶାର ଗଭୀର ଆବର୍ତ୍ତ ମଧ୍ୟକୁ ନିକ୍ଷେପ କରିଛି ? ଏକଥା ଏକ କଟୁ ବାସ୍ତବତା ଯେ ପରିବାର, ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟକ୍ଷେତ୍ର ଇତ୍ୟାଦି ଭଳି ସମସ୍ତ ସ୍ଥାନରେ ଯୁକ୍ତିଯୁକ୍ତ, ଶୃଙ୍ଖଳିତ ଓ ବୈଜ୍ଞାନିକ ଦୃଷ୍ଟିକୋଣ ପରିବର୍ତ୍ତେ ଆମ୍ଭମାନଙ୍କ ଭଳି ଉଚ୍ଚଶିକ୍ଷିତ ଓ ସଚେତନମାନେ ମଧ୍ୟ ଖାମଖିଆଲ, ସାମାଜିକ କୁସଂସ୍କାର ଭରା ନକାରାତ୍ମକ ଦୃଷ୍ଟିକୋଣକୁ ଆପଣାଉଛୁ, ଆମର ସୁସ୍ଥ ଚିନ୍ତାଧାରା ଓ ବିଚାରକୁ ପୂର୍ଣ୍ଣାହୁତି ଦେଉଛୁ ଏବଂ ସେଭଳି ଦୃଷ୍ଟିକୋଣ ଦ୍ୱାରା ଶିଶୁମାନଙ୍କୁ ପ୍ରଭାବିତ ମଧ୍ୟ କରୁଛୁ। ଏହା ଠାରୁ ଅଧିକ ଦୁର୍ଭାଗ୍ୟପୂର୍ଣ୍ଣ ଆଉ କିଛି ନ ଥାଇ ପାରେ ! ଆଜି ଶିଶୁ ଦିବସ ପରିପ୍ରେକ୍ଷୀରେ ଏହାର ପାଳନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେବ, ଯେତେବେଳେ ପିଲାମାନଙ୍କୁ ଏକ ସୁସ୍ଥ, ସୁସଂହତ, ଶୃଙ୍ଖଳିତ ଓ ଅବାଧ ବାତାବରଣରେ ବଢ଼ିବା ପାଇଁ ସବୁ ବାତାୟନ ଖୋଲି ଦିଆଯିବ, ଯଦ୍ଦ୍ୱାରା ସେମାନେ ଦାୟିତ୍ୱବାନ କିଶୋରକିଶୋରୀ, ପରିପକ୍ୱ, ସମ୍ବେଦନଶୀଳ, ଉତ୍ତରଦାୟିତ୍ୱସଂପନ୍ନ ଯୁବକଯୁବତୀ ଓ ପରିଶେଷରେ ହୃଦୟବାନ ସୁମନୁଷ୍ୟରେ ପରିଣତ ହେବେ।

# ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଇତିକଥା

ଦୂର ଅତୀତରେ ଉତ୍କଳ ନୌବାଣିଜ୍ୟର ପରମ୍ପରା ଭାରତ କାହିଁକି, ସାରା ବିଶ୍ୱ ଇତିହାସେର ସୃଷ୍ଟି କରିଥିଲା ଏକ ଗୌରବମୟ ଅଧ୍ୟାୟ। ଉତ୍କଳୀୟମାନେ ସାଧାରଣ ଡଙ୍ଗା ଠୁଁ ଆରମ୍ଭ କରି ବାଣିଜ୍ୟିକ ଜାହାଜ ନିର୍ମାଣର ଜ୍ଞାନେର ଅତି ନିପୁଣ ଥିଲେୟ ତେଣୁ ନୌବାଣିଜ୍ୟ ପାଇଁ ଏ ଜାତିକୁ ଅଶାନ୍ତ ସାଗରର ବକ୍ଷ ତଥା ଦରିଆପାରି ଦେଶ କରୁଥିଲା ଆହ୍ୱାନ। ସମୁଦ୍ର ଥିଲା ସେମାନଙ୍କ ପାଇଁ ପବିତ୍ର ତୀର୍ଥର୍ ବିସ୍ତୃତ ନୀଳ ସମୁଦ୍ରର ବକ୍ଷ ଭେଦ କରି ସାତ ସମୁଦ୍ର ତେର ନଈ ପାର ହୋଇ ବୋଇତ ନେଇ ବିଦେଶକୁ ଯାଉଥିଲେ ଏବଂ ସେଠାରେ ସେମାନେ ବାଣିଜ୍ୟ କରି ଓ ବୋହି ଆଣୁଥିଲେ ଧନ, ରତ୍ନଙ୍କ, ମଣି, ମୁକ୍ତା, ବିଭବ ଓ ଅମାପ ସମ୍ପଦୟ ସମ୍ପ୍ରସାରିତ ଓ ପ୍ରଭାବିତ କରିଥିଲେ କଳିଙ୍ଗର ଉନ୍ନତ ଗୌରବମୟ ସଂସ୍କୃତି ଓ ସଭ୍ୟତାକୁୟ ବାନ୍ଧି ଥିଲେ କଳିଙ୍ଗ ସହିତ ରୋମ ସାମ୍ରାଜ୍ୟ, ଆଫ୍ରିକା ମହାଦେଶ, ଦକ୍ଷିଣ-ପୂର୍ବ ଏସିଆର ଜାଭା, ସୁମାତ୍ରା, ବାଲି, ମାଳୟ, ବର୍ଣ୍ଣିଓ, ଚୀନ୍, ଜାପାନ, ସିଂହଳ, ବ୍ରହ୍ମଦେଶ ଇତ୍ୟାଦି ସହିତ ସାମାଜିକ, ରାଜନୈତିକ ବାଣିଜ୍ୟିକ ତଥା ସାଂସ୍କୃତିକ ସେତୁୟ ଗଢ଼ି ତୋଳି ଥିଲେ ଅନେକ ଉପନିବେଶ ବିଦେଶୀ ମାଟିରେୟ ଏଥିପାଇଁ ଦାୟୀ ସମୁଦ୍ରପ୍ରେମୀ ଓଡ଼ିଆ ଜାତିର ନିର୍ଭୀକତା ଓ ଦୁଃସାହସିକତା, କଳିଙ୍ଗ ନାବିକ ଓ ସମୁଦ୍ରଜୀବୀମାନଙ୍କର ନୌ-ଚାଳନା ନିପୁଣତା। ଇତିହାସ କେହ ଯେ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ (ମଗଧର ନନ୍ଦ ରାଜତ୍ୱ ଖ୍ରୀ:ପୂ: ୪୬୦ ପୂର୍ବ)ରୁ ମଧ୍ୟଯୁଗର ଶେଷ ପର୍ଯ୍ୟନ୍ତ କଳିଙ୍ଗ ପୋତଗୁଡ଼ିକ କଳିଙ୍ଗ ମହୋଦଧିକୁ ଆଚ୍ଛନ୍ନ କରି ଦକ୍ଷିଣ-ପୂର୍ବ ଏସିଆ ଦ୍ୱୀପପୁଞ୍ଜ : ଇଣ୍ଡୋନେସିଆ ଠାରୁ ଆରମ୍ଭ କରି ଇଣ୍ଡୋ-ଚୀନ ପର୍ଯ୍ୟନ୍ତ ନିଜର ବାଣିଜ୍ୟିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ସମ୍ପର୍କ ସମ୍ପ୍ରସାରିତ କରିଥିଲେ ତଥା ଅଚିନ୍ତ୍ୟ ସମୃଦ୍ଧି ହାସଲ କରିବା ସହ ବଙ୍ଗୋପସାଗର ଉପରେ ରାଜତ୍ୱ କରୁଥିଲେ। ସେତେବେଳ ଏଇ ସାଧବଙ୍କର (ବାଣିଜ୍ୟକାରୀଙ୍କୁ 'ସାର୍ଥ' ଓ ଏହାର ମୁଖ୍ୟଙ୍କୁ 'ସାର୍ଥବାହ' କୁହାଯାଉଥିଲା ଏବଂ ଏହି 'ସାର୍ଥବାହ' ଶବ୍ଦରୁ ସାଧବ ଶବ୍ଦର ଉତ୍ପତି ହୋଇଛି) ଆଧିପତ୍ୟ ଏତେ ଥିଲା ଯେ ବଙ୍ଗୋପସାଗରକୁ 'କଳିଙ୍ଗ ସାଗର' ବା 'କଳିଙ୍ଗୋଦ୍ର' କୁହାଯାଉଥିଲା। ଏହି ଯୋଗୁଁ ମହାକବି କାଳିଦାସ ତାଙ୍କ ରଘୁବଂଶ କାବ୍ୟେର କଳିଙ୍ଗାଧିପତିଙ୍କୁ ମହୋଦଧିପତି ଭାବେ ସମ୍ବୋଧନ କରିଛନ୍ତି ଓ କଳିଙ୍ଗ ସାଗର ମଧ୍ୟେର ଥିବା ସମସ୍ତ ଦ୍ୱୀପ କଳିଙ୍ଗ ଦେଶ(ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ)ବୋଲି କୁହାଯାଉଥିଲା। ଖ୍ରୀଷ୍ଟାବ୍ଦ ପ୍ରଥମ ଥିଲା ଏକ ସ୍ମରଣୀୟ ଶତାବ୍ଦୀୟ ଏହି ସମୟେର କଳିଙ୍ଗ ତାହାର ଆନ୍ତର୍ଜାତୀୟ ଉପନିବେଶ ପ୍ରତିଷ୍ଠା କରିଥିଲାୟ କଳିଙ୍ଗର ସୌଦାଗରମାନେ ବୋଇତ ବାହି କେବଳ ବର୍ମା, ଜାଭା, ମାଲ୍କାସ, ସିଂହଳେର ବାଣିଜ୍ୟ କାରବାର କରୁ ନଥିଲେ, ପରନ୍ତୁ ସମଗ୍ର ଦକ୍ଷିଣ-ପୂର୍ବ ଦ୍ୱୀପପୁଞ୍ଜେର ନିଜର ଆଧିପତ୍ୟ ବିସ୍ତାର କରିଥିଲେ। କେତେକ ବଣିକ ସେଠାରେ ନିଜର ଉପନିବେଶ ପ୍ରତିଷ୍ଠା କରି ସ୍ଥାୟୀ ବସତି ନିର୍ମାଣ କରିଥିଲେୟ ଖ୍ରୀଷ୍ଟାବ୍ଦ ୭୫ରେ କେତେକ ବଣିକ ଯାଇ ଜାଭାରେ ବସତି ସତି ସ୍ଥାପନ କେଲ ଏବଂ ଆଜି ପର୍ଯ୍ୟନ୍ତ ସେଠାରେ ପ୍ରଚଳିତ ଏକ ଅଙ୍କ (ରକ୍ସବ) ସେହିଦିନଠାରୁ ଠାରୁ ସେଠାରେ ଶୁଭାରମ୍ଭ ହୋଇଥିଲାୟ ପୁରୁଷାନୁକ୍ରମେ କଳିଙ୍ଗର ସେହି ଉପନିବେଶେର କ୍ଲିଙ୍ଗ ନାମକ ଏକ ସଂପ୍ରଦାୟ ବାସ କରନ୍ତି ଏବଂ ଏମାନେ ଜାଭାର ମୂଳବାସିନ୍ଦାଠାରୁ ଭିନ୍ନ ଭାବେର ପରିଚିତ ହୋଇ ଇଥାଆନ୍ତି। କଳିଙ୍ଗର ଜଳପଥେର ଆନ୍ତର୍ବାଣିଜ୍ୟ ତଥା ସାମୁଦ୍ରିକ ବହିର୍ବାଣିଜ୍ୟ ପ୍ରସଙ୍ଗ; ପ୍ଲିନିଙ୍କ ନାଚୁରାଲ ହିଷ୍ଟ୍ରି, ପ୍ରଥମ ଶତାବ୍ଦୀର ଟେଲମିଙ୍କ ଭୂଗୋଳ, ପେରିପ୍ଲସ ଅଫ୍ ଦି ଆରିଥ୍ରିଆନ ସି,ବୌଦ୍ଧଗ୍ରନ୍ଥ, ଦାଠା ଧାତୁବଂଶ, ଲଳିତ ବିସ୍ତର, ଜାତକ, ସେଉକୀ, ଚୀନ ପରିବ୍ରାଜକ ଫାହିୟାନ୍ (ଖ୍ରୀ:୩୯୯-୪୧୫), ହୁଏନ୍ସା (ସପ୍ତମ), ମେଘାସ୍ଥିନିସ୍, ଇ.ସିଙ୍ଗ୍ (୬୭୩ ଖ୍ରୀ:-୬୯୬)ଙ୍କ ବିବରଣୀ, କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ବହୁ ଲୋକକଥା, ଲୋକଗୀତ, ଲୋକକଳା, ପଟ୍ଟଚିତ୍ର ତଥା ଉତ୍କଳୀୟ ରଚନାଗୁଡ଼ିକରୁ ଜାଣିହୁଏ। 'ଅର୍ଥଶାସ୍ତ୍ର' ଅନୁସାରେ ସାଧବମାନେ ସୂକ୍ଷ୍ମ ବସ୍ତ୍ର,କୋଶା ବସ୍ତ୍ର ଓ କପାବସ୍ତ୍ର, ହାତୀ ଓ ହାତୀଦାନ୍ତ ସାମଗ୍ରୀ, ହୀରାକୁଦରୁ ପ୍ରାପ୍ତ ଧାତୁକୁ ନେଇ ବିଭିନ୍ନ ଧାତୁକର୍ମ ତାରକସି କାମ, ମାଟିପାତ୍ର, ଲୁଣ, ଚାଉଳ ଆଦି ରପ୍ତ ରପ୍ତାନୀ ରୁଥିଲେ। ଚିଲିକା ହ୍ରେଦ ସହସଂତୁ ଜଳଗାମୀ ସବୋଇତଃ ବହୁ ଚକ୍ରାନ୍ତିବାଃ ଶୀଘ୍ରାଃ ଯନ୍ତ୍ରଗାଃ ଚାଳକାଶ୍ରିତାଃ ବାଣିଜ୍ୟ କରେଣ ଶକ୍ତାଃ ତ୍ରିପ ଶିଖରା କୃତାଃ ଦ୍ୱୀପାନ୍ତର ଗତାୟାତାଃ ଜାଭା ମଳୟ ସିଂହେଳୟ ବ୍ରହ୍ମାଣ୍ଡ ପୁରାଣ ଏବେ ସେ ପୂର୍ବ ଗୌରବ ଲୁପ୍ତ ପ୍ରାୟୟ ଓଡ଼ିଆ ପୁଅର ବୀର ସହିତ ଲୁଚିଯାଇଛି ଓଡ଼ିଆ ମାଟିର ଗୌରବ। କର୍ପୂର ଉଡ଼ିଯାଇଛି ସିନା ହେଲ କନା ପଡ଼ି ରହିଛି, ସେଇ ଅତୀତର ସେଇ ବିଶ୍ ବନ୍ଦନୀୟ ପରମ୍ପରାରେୟ ପଣ୍ୟବାହୀ ବୋଇତ ବନ୍ଦାଇ ସାଧବ ପୁଅର ଶୁଭଯାତ୍ରା ମନାସୁ ଥିବା ସାଧବାଣୀର ସେହି ସ୍ମାରକୀ ଦିବସଟିକୁ ଆବାଳ-ବୃଦ୍ଧ-ବନିତା ଆଜି ପାଳନ କରୁଛନ୍ତି ମହା ଆନନ୍ଦେର। କାର୍ତ୍ତିକ ପୂର୍ଣ୍ଣମୀ ଦିନ ପ୍ରତ୍ୟୁଷରୁ ସ୍ନାନାଦି ତର୍ପଣ ସମାପନ ପୂର୍ବକ ବୋଇତ ବନ୍ଦାଣ ପ୍ରଥା ପାଳନ କରାଯାଉଛି ନଦୀ, ନାଳ, ପୁଷ୍କରିଣୀ ଆଦି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ଶ୍ରୀ ଦଶହରା ପୂଜା ସମିତି ଦ୍ୱାରା ସେକ୍ଟର-୧୩ ମେଳନ ପଡିଆରେ ରାବଣ ପୋଡ଼ି



ରାଉରକେଲା,୩/୧୦(ନି/ପ୍ର): ଅଧର୍ମ ଉପରେ ଧର୍ମର ବିଜୟ, ଅନ୍ୟାୟ ଉପରେ ନ୍ୟାୟର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ପାପ ଉପରେ ପୁଣ୍ୟର ବିଜୟକୁ ନେଇ ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ରାଉରକେଲା ସେକ୍ଟର-୧୩ ମେଳନ ପଡିଆରେ ଆଜି ଅନୁଷ୍ଠିତ ହୋଇଯାଇଛି ରାବଣ ଦହନ କାର୍ଯ୍ୟକ୍ରମ। ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ଆୟୋଜିତ ରାବଣ ଦହନ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପଶ୍ଚିମାଂଚଳ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ମୁଖ୍ୟ ଅତିଥି ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଜୟ ଶ୍ରୀରାମ ଧ୍ୱନୀ ସହିତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଜି ବିଜୟା ଦଶମୀ, ଭଗବାନ ଶ୍ରୀରାମ ଆଜିର ଦିନରେ ରାବଣକୁ ବଧ କରିଥିଲେ। ଶ୍ରୀରାମଙ୍କ ସହିତ ଭ୍ରାତା ଲକ୍ଷ୍ମଣ, ପତ୍ନୀ ସୀତାମାତା, ଭକ୍ତ ହନୁମାନ ଏବଂ ସୁଗ୍ରୀବ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାମରାଜ୍ୟ ପ୍ରତିଷ୍ଠା କରିଥିଲେ। ଅଧର୍ମ ଉପରେ ଧର୍ମର ଜୟ, ଅସତ୍ୟ ଉପରେ ସତ୍ୟର ଜୟ, ଅନ୍ୟାୟ ଉପରେ ନ୍ୟାୟର ଜୟ, ପାପ ଉପରେ ପୁଣ୍ୟର ବିଜୟକୁ ନେଇ ଏହି ଦଶହରା ଉତ୍ସବ ପାଳନ କରାଯିବା ସହିତ ଲଙ୍କା ଉପରେ ବିଜୟପ୍ରାପ୍ତ କରିଥିଲେ। ଦୀର୍ଘ ୬୦ ବର୍ଷ ଧରି ରାଉରକେଲାରେ ରାବଣ ଓ କୁମ୍ଭକର୍ଣ୍ଣର ଦହନ କରାଯାଉଛି, ଯାହାକି ଓଡିଶା ମଧ୍ୟରେ ପ୍ରଥମ କରି ରାଉରକେଲାରେ ଆରମ୍ଭ କରାଯାଇଛି। ଆଜିର ଏହି ରାବଣ ଦହନ କାର୍ଯ୍ୟକ୍ରମ ସହିତ ଆତସବାଜି କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାପରେ ମୁଖ୍ୟ ଅତିଥି ଏବଂ ସମ୍ମାନୀୟ ଅତିଥିମାନଙ୍କ ଦ୍ୱାରା ରାବଣ ଓ କୁମ୍ଭକର୍ଣ୍ଣ ଦେହରେ ଅଗ୍ନି ସଂଯୋଗ କରିବା ସହିତ ଆତସବାଜି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ମଚଂ ଉପରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ ଏବଂ ମାତା ସୀତାଙ୍କ ବାଲ୍ୟ ସ୍ୱରୂପଙ୍କୁ ଅତିଥିମାନେ ପ୍ରସାଦ ଖୁଆଇଥିଲେ। ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ଅଧ୍ୟକ୍ଷ ସୁରେଶ କେଜ୍ରିୱାଲ, ସଭାପତି ରାହୁଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଗୌରବ ସିଙ୍ଘଲ, ସମ୍ପାଦକ ପଓ୍ୱନ ଖେମାନି, ସଦସ୍ୟ ପ୍ରତୀକ ଅଗ୍ରୱାଲ, ହର୍ଷ ଖେଦେରିଆ, ଲଳିତ କେଜ୍ରିୱାଲ, ବିନୋଦ ନରେଡି, ଦେବନ୍ ଅଗ୍ରୱାଲଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି ରାବଣ ଦହନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ଏହି ରାବଣ ଓ କୁମ୍ଭକର୍ଣ୍ଣ ଦହନ ସହିତ ଆତସବାଜି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗାନ୍ଧୀ ଜୟନ୍ତୀକୁ ରାଉରକେଲା ବିଜେପି ପକ୍ଷରୁ ସ୍ୱଚ୍ଛତା ଦିବସ ରୂପେ ପାଳନ



ରାଉରକେଲା,୩/୧୦(ନି/ପ୍ର): ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ନରେନ୍ଦ୍ର ମୋଦି ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଦିବସକୁ ସ୍ୱଚ୍ଛତା ଦିବସ ରୂପେ ପାଳନ କରିବା ପାଇଁ ଦେଶ ବାସୀଙ୍କୁ ଆହ୍ୱାନ ଦେଇଥିଲେ। ସେହି ଦିନଠାରୁ ଅର୍ଥାତ୍ ଗତ ୨୦୧୪ ମସିହାଠାରୁ ଦେଶରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ମଧ୍ୟ ପ୍ରାରମ୍ଭ କରାଯାଇଥିଲା। ସେହି ଦିନଠାରୁ ସମଗ୍ର ଦେଶବାସୀ ଆଜିର ଏହି ଦିବସକୁ ସ୍ୱଚ୍ଛତା ଦିବସ ରୂପେ ପାଳନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ରାଉରକେଲା ସାଂଗଠନିକ ଜିଲ୍ଲା ବିଜେପି ତରଫରୁ ରାଉରକେଲା ସେକ୍ଟର-୧୮ ସ୍ଥିତ ଗାନ୍ଧୀ ପାର୍କରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ବିଜେପିର ନେତୃବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କର ଦେଶ ପ୍ରତି ଅବଦାନ ସମ୍ପର୍କରେ ଅବଗତ କରାଇ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ବିଜେପି ମୁଖପାତ୍ର ଧିରେନ୍ ସେନାପତି, ପ୍ରାକ୍ତନ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଓ ମଳୟ ମହାପାତ୍ର, ବରିଷ୍ଠ ନେତା ଅଶୋକ ଲେଙ୍କା, ଅକ୍ଷୟ ଦାସ, ଅଜୟ , ଲଲାଟେନ୍ଦୁ ନାୟକ, ସନ୍ତୋଷ ବିରାଟ, ମନୋଜ୍ ପଟ୍ଟନାୟକ, ମଧୁବାବୁ ମଣ୍ଡଳ ସଭାପତି ପ୍ରତିମା ରାଉତ୍, ଆମ୍ବେଦକର ମଣ୍ଡଳ ସଭାପତି ମନୋଜ ସ୍ୱାଇଁ, ନମ୍ରତା ବାଗ, ରବୀନ୍ଦ୍ରନାଥ ବାରିକ୍, ଅଜୟ କୁମାର ରାଉତ୍, ଅଜୟ କୁମାର ପାତ୍ର, ଅଶ୍ୱିନ ବେହେରା, ଶ୍ରୀକାନ୍ତ ପାଢ଼ୀ, ହେମନ୍ତ ଜେନା, ତରୁଣ ତନ୍ତୀ, ଗାବୁ ବାଗ, ଗୌତମ ବାଡା, ଅନନ୍ତ ଦାସ, ବାବୁଲି ବାରିକ, ପୁଷ୍ପାଲତା ସାହୁ, ମନୋଜ କୁମାର ସାହୁ, ପ୍ରନାପ ଦେ, ନମିତା ସେନାପତି, ଗୀତାଞ୍ଜଳି ଜେନା, ସଂଯୁକ୍ତା ପାତ୍ର, ରବୀନ୍ଦ୍ର ରାଉତ୍, ପ୍ରଶାନ୍ତ ଲେଙ୍କା, ଖୁସବୁ ବଡାଇକ, ସରସ୍ୱତୀ ମହାନ୍ତ , ଫୁଲ୍ ମନି ତିର୍କି, ବାସୁ ସର୍ଘରିଆଙ୍କ ସମେତ ବହୁ କର୍ମୀ ଅଂଶଗ୍ରହଣ କରିଥିଲେ। ଆମ୍ବେଦକର ମଣ୍ଡଳ ସଭାପତି ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ଗାନ୍ଧୀ ପାର୍କ ଓ ମଧୁବାବୁ ମଣ୍ଡଳ ସଭାପତି ପ୍ରତିମା ରାଉତଙ୍କ ନେତୃତ୍ୱରେ ସେକ୍ଟର-୮ ପୂଜା ପେଣ୍ଡାଲ ପରିସରରେ ସଫେଇ କାର୍ଯ୍ୟକ୍ରମରେ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ କର୍ମୀମାନେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱଦେଶୀ ଖଦୀ ପୋଷାକ ଓ କପଡ଼ା ବ୍ୟବହାର କରିବାକୁ ଶପଥ ନେଇଛନ୍ତି ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତି ଜଣାଇଛନ୍ତି।

# ସ୍ନେହୀ ସମାଜର ପ୍ରତିଷ୍ଠା ଦିବସ ଏବଂ ଗାନ୍ଧୀ ଜୟନ୍ତୀ ମହା ଆଡମ୍ବରରେ ପାଳିତ




ରାଉରକେଲା,୩/୧୦(ନି/ପ୍ର): ସାମାଜିକ ସଂଗଠନ ସ୍ନେହୀ ସମାଜ ଦ୍ୱାରା ବିର୍ସା ଡାହାର ରୋଡ ସ୍ଥିତ ସ୍ନେହୀ ସମାଜ ଭବନ ପରିସରରେ ତାହାର ପ୍ରତିଷ୍ଠା ଦିବସ ଏବଂ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଡକ୍ଟର ସତୀଶ ସାହୁ ଏବଂ ସମାଜର ସଭାପତି କେଶବ ଲାଲ ପ୍ରସାଦ, ଉପାଧ୍ୟକ୍ଷ ଜୟପ୍ରକାଶ ଜୋଶିଲା, ସାଧାରଣ ସମ୍ପାଦକ ଭୋଲା ଶରଣ ପ୍ରସାଦ, କୋଷାଧ୍ୟକ୍ଷ ଅଶୋକ କୁମାର ଗୁପ୍ତା, ପୂର୍ବତନ ସଭାପତି ମୋହନ ପ୍ରସାଦ ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ମଚଂରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭେଦଭାବ ଦୂର କରି ସମାଜକୁ ଏକତ୍ରିତ କରନ୍ତୁ ଏବଂ ସମାଜର ବିକାଶ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ, ଯାହା ସମାଜକୁ ପ୍ରଗତି ଦେବ। ଏହି ଅବସରରେ ସ୍ନେହୀ ସମାଜର ସଭାପତି କେଶବ ଲାଲ ସାହୁ କହିଥିଲେ ଯେ ଆମେ ଆମର ପୂର୍ବପୁରୁଷଙ୍କ ଐତିହ୍ୟ ପାଇଛୁ, ସମାଜର ଐତିହ୍ୟକୁ ଆଗକୁ ନେବାରେ ଧ୍ୟାନ ଦିଅନ୍ତୁ, ଯଥାସମ୍ଭବ ଯୁବପିଢ଼ି ଏବଂ ମହିଳାମାନଙ୍କୁ ସାମିଲ କରନ୍ତୁ, ଯାହା ସମାଜକୁ ଦ୍ରୁତ ଗତିରେ ପ୍ରଗତି କରିବ। ସାଧାରଣ ସମ୍ପାଦକ ଭୋଲା ଶରଣ ପ୍ରସାଦ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ ଏବଂ ସ୍ନେହୀ ସମାଜର ପ୍ରତିଷ୍ଠା ଦିବସ ଗୋଟିଏ ଦିନରେ ପଡ଼ିଛି, ଯାହା ଆମ ପାଇଁ ସୌଭାଗ୍ୟର କଥା। ଚଳିତ ବର୍ଷ ସମାଜର ଛଠ ଅଧୀନରେ ଏହି କାର୍ଯ୍ୟକ୍ରମ ଗୋଟିଏ ଦିନରେ ଭବନରେ ଆୟୋଜିତ ହେଉଛି, ଯାହା ଆମ ସମାଜ ପାଇଁ ଗର୍ବର ବିଷୟ। ଏହି ଅବସରରେ ପୂର୍ବତନ ସଭାପତି ମୋହନ ସାହୁ କହିଥିଲେ ଯେ ଯେକୌଣସି ସମାଜର ଏକ ସ୍ତମ୍ଭ ଥାଏ। ବର୍ତ୍ତମାନ ସମୟରେ ସେହି ସମାଜର ପୁରୁଷ, ମହିଳା, ଯୁବକ ଏବଂ ଛାତ୍ରମାନେ ଆଗକୁ ଆସିବା ଉଚିତ। ସମାଜର ପ୍ରତ୍ୟେକ କାର୍ଯ୍ୟରେ ଯୁବକଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ଯୁବପିଢ଼ି କାଲିର ଶକ୍ତି, ତେଣୁ ଯୁବପିଢ଼ି ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ଆସିବା ଉଚିତ। ଆଜି ଏହି ଅବସରରେ ଅନ୍ତାକ୍ଷରୀ କାର୍ଯ୍ୟକ୍ରମ, ଭଜନ କାର୍ଯ୍ୟକ୍ରମ ଏବଂ ସମାଜର ମେଧାବୀ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଜି ଏହି କାର୍ଯ୍ୟକ୍ରମରେ ଶନି ସମାଜର ବରିଷ୍ଠ ସଦସ୍ୟ ମୁସାଫିର ସାହୁ, ମନୁ ଲାଲ ସା, ହରିଶଙ୍କର ଶାହା, ଜନାର୍ଦ୍ଦନ ସାହୁ, ପ୍ରମୋଦ ସାହୁ, ବିମଳ ସାହୁ, ରାଜେନ୍ଦ୍ର ସାହୁ, ବିନୋଦ ସାହୁ ଏବଂ ସମାଜର ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ। ଆଜି କାର୍ଯ୍ୟକ୍ରମ ପାଇଁ ଏକ ବିଶାଳ ଭିଡ଼ ଦେଖିବାକୁ ମିଳିଥିଲା।

# ଗାନ୍ଧୀ ଜୟନ୍ତୀରେ ପାନପୋଷ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ



ରାଉରକେଲା,୩/୧୦(ନି/ପ୍ର): ଗାନ୍ଧୀ ଜୟନ୍ତୀ ଅବସରରେ ସହରର ମୁଖ୍ୟ ପ୍ରବେଶ ପଥ, ପାନପୋଷ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତା ସବୀର ହୁସେନଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ଏବଂ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଆସି ପାନପୋଷ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ମାଲ୍ୟାର୍ପଣ ସମୟରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ସବୀର ହୁସେନଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ବୀରେନ୍ଦ୍ର ନାଥ ପଟ୍ଟନାୟକ, ରବି ରାୟ, ରଶ୍ମି ପାଢୀ, ଅମିତ କୁମାର ବାରା, ଅଜୟ ଖାଲକୋଙ୍କ ସମେତ କଂଗ୍ରେସର ବହୁ ବରିଷ୍ଠ କର୍ମକର୍ତ୍ତା ଗାନ୍ଧୀ ଜୟନ୍ତୀରେ ପାନପୋଷ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ସହିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ରାଉରକେଲା,୩/୧୦(ନି/ପ୍ର): ସ୍ୱଚ୍ଛତା ଶୋଭାଯାତ୍ରା ସହିତ ରାଉରକେଲା ସହରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ସହରର ମୁଖ୍ୟ ପ୍ରବେଶ ପଥ, ପାନପୋଷ ଛକଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ସ୍ୱଚ୍ଛତା ଶୋଭାଯାତ୍ରା ସହିତ ଆସି ମାଲ୍ୟାର୍ପଣ କରିଥିଲେ। ସେହିପରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସ୍ୱଚ୍ଛତା ଶୋଭାଯାତ୍ରା ସହିତ ପାନପୋଷ ଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱଚ୍ଛତା ହିଁ ସେବା ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ଗ୍ରହଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର ପରିହାର କରିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା ବାର୍ତ୍ତା ପ୍ରସାର କରି ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପାନପୋଷ ଛକ ପର୍ଯ୍ୟନ୍ତ ଏକ ଗଣ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀରଙ୍କ ସମେତ ବରିଷ୍ଠ ଆରଏମସି ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ସହିତ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପାନପୋଷ ଛକଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରିଥିଲେ।

# ରାଉରକେଲା ଷ୍ଟେସନ ରୋଡରେ ବିଜୟା ଦଶମୀରେ ସିନ୍ଦୂର ଖେଳ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ



ରାଉରକେଲା,୩/୧୦(ନି/ପ୍ର): ବିଜୟା ଦଶମୀ ଅବସରରେ ରାଉରକେଲା ଷ୍ଟେସନ ରୋଡ ଦୁର୍ଗା ପୂଜା ମଣ୍ଡପରେ ପାରମ୍ପରିକ ସିନ୍ଦୂର ଖେଳ ଉତ୍ସବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଥିଲା। ଏହି ରୀତିରେ ବିବାହିତ ମହିଳାମାନେ ଦେବୀ ଦୁର୍ଗାଙ୍କ କପାଳ ଏବଂ ପାଦରେ ସିନ୍ଦୂର ଲଗାଇ ଦୀର୍ଘ ବୈବାହିକ ଜୀବନ, ସୁଖ, ସମୃଦ୍ଧି ଏବଂ ପାରିବାରିକ ସୌଭାଗ୍ୟ ପାଇଁ ପ୍ରାର୍ଥନା କରନ୍ତି। ସିନ୍ଦୂର ଖେଳ ମହିଳାମାନଙ୍କ ମଧ୍ୟରେ ଏକତା ଏବଂ ସାମାଜିକ ବନ୍ଧନକୁ ମଧ୍ୟ ମନ୍ଦ ଉପରେ ଭଲର ବିଜୟ ଏବଂ ମହିଳା ସଶକ୍ତିକରଣର ପ୍ରତୀକ ଭାବରେ ବିବେଚନା କରାଯାଏ। ପୁରୁଣା ଷ୍ଟେସନ ଦୁର୍ଗା ପୂଜା କମିଟି ସଭାପତି ଶ୍ରୀଯୁକ୍ତ ଅନିଲ କୁମାର ବର୍ମା, ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଏସ.ଏନ. ଶ୍ରୀ ଉତ୍ପଳ ଘଟକ, ସାଧାରଣ ସମ୍ପାଦକ ଶ୍ରୀ ମାନବେନ୍ଦ୍ର ରାୟ, ଯୁଗ୍ମ ସମ୍ପାଦକ ଶ୍ରୀ ଉଜ୍ଜଳ ରାୟ ଏବଂ ଶ୍ରୀ ଅଭିଜିତ ଚକ୍ରବର୍ତ୍ତୀ (ପୁଲିସ୍, ଆଇନ ଏବଂ ଶୃଙ୍ଖଳା ଏବଂ ପ୍ରଶାସନ), ଶ୍ରୀ ମଧୁସୂଦନ ଚକ୍ରବର୍ତ୍ତୀ (ଜନସମ୍ପର୍କ), ଶ୍ରୀ ଦିଲୀପ ଖଟୁଆ (ଷ୍ଟୋର ଏବଂ ଭୋଗ), କୋଷାଧ୍ୟକ୍ଷ ଏବଂ ହିସାବ ଶ୍ରୀ ସନ୍ଦୀପ କୁମାର ଚାଟାର୍ଜୀ, ଯୁଗ୍ମ କୋଷାଧ୍ୟକ୍ଷ ଶ୍ରୀ ରବିନ ଦାସ ଏବଂ ପୂଜା ପ୍ରଭାରୀ ଶ୍ରୀ ଗୁଣମୟ ଗାଙ୍ଗୁଲିଙ୍କ ତତ୍ତ୍ୱାବଧାନରେ ୫ ଦିନିଆ ଦୁର୍ଗାପୂଜା ସଫଳତାର ସହିତ ସମାପ୍ତ ହୋଇଥିଲା। ବିସର୍ଜନ ଶୋଭାଯାତ୍ରା ପୂର୍ବରୁ, ବିଜେପି ଜିଲ୍ଲା ସଭାପତି ପୂର୍ଣ୍ଣିମା କେର୍ କେଟା ସିନ୍ଦୂର ଖେଳରେ ଅଂଶଗ୍ରହଣ କରିଥିଲେ ଏବଂ ଭକ୍ତମାନଙ୍କ ସହିତ ଦେବୀ ଦୁର୍ଗାଙ୍କୁ ହୃଦୟସ୍ପର୍ଶୀ ବିଦାୟ ଦେଇଥିଲେ। କମିଟି ଏବଂ ଅଧିକାରୀଙ୍କ ନେତୃତ୍ୱରେ, ସମଗ୍ର କାର୍ଯ୍ୟକ୍ରମରେ ଶ୍ରଦ୍ଧା, ଭକ୍ତି ଏବଂ ଉତ୍ସବର ପରିବେଶ ପରିଲକ୍ଷିତ ହୋଇଥିଲା।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଗାନ୍ଧୀ ଜୟନ୍ତୀ ମହାସମାରୋହରେ ପାଳିତ





ରାଉରକେଲା,୩/୧୦(ନି/ପ୍ର):ସାରା ବିଶ୍ୱକୁ ସତ୍ୟ, ଅହିଂସା ଓ ଶାନ୍ତିର ବାର୍ତ୍ତା ଦେଇଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୬ ତମ ଜନ୍ମ ତିଥି ଗାନ୍ଧୀ ଜୟନ୍ତୀ ରାଉରକେଲା ଠାରେ ଅକ୍ଟୋବର ୨ ତାରିଖ ଦିନ ଭଜନ, ସର୍ବ ଧର୍ମ ସମନ୍ୱୟର ପାର୍ଥନା ଏବଂ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ ସହ ପାଳିତ ହୋଇଥିଲା। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସିଭିକ ସେଟଂର ଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ରାଉରକେଲାର ବହୁ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଜୀଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଶ୍ରୀ ପି କେ ବେହେରା, ଆରଏସପି ଅଧିକାରୀ ସଂଘ ଓ ଟ୍ରେଡ ୟୁନିଅନର ବହୁ କର୍ମକର୍ତ୍ତା ତଥା ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ, ଏବଂ ରାଉରକେଲା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସହରର ସୁପରିଚିତ କଣ୍ଠଶିଳ୍ପୀ ଶ୍ରୀମତୀ ଆଶାଲତା ଷଡଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଭଜନ 'ବୈଷ୍ଣବ ଜନତୋ.....' ସଙ୍ଗୀତ ପରିବେଷଣ ସହିତ ସମାରୋହ ଆରମ୍ଭ ହୋଇଥିଲା ଏକ ସର୍ବଧର୍ମ ସଦଭାବନା ସଭା ଉକ୍ତ ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ସିଂହ ସଭାର ସଦସ୍ୟଙ୍କ ଦ୍ୱାରା ପବିତ୍ର ଗୁରୁ ଗ୍ରନ୍ଥ ସାହେବ, ସେକ୍ରେଡ଼ ହାର୍ଟ କାଥେଡ୍ରାଲ ଚର୍ଚ୍ଚ ହମୀରପୁରର ସଦସ୍ୟଙ୍କ ଦ୍ୱାରା ପବିତ୍ର ବାଇବେଲ, ଇସ୍ପାତ ଅଞ୍ଜୁମନ, ସେକ୍ଟର -୧୫ ର ସଦସ୍ୟଙ୍କ ଦ୍ୱାରା ପବିତ୍ର କୋରାନ ଏବଂ ଚିନ୍ମୟ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ପବିତ୍ର ଭଗବତ ଗୀତାରୁ କିଛି ପଂକ୍ତିର ଆବୃତ୍ତି ଓ ବାପୁଙ୍କର ଅତି ପ୍ରିୟ "ରାମଧୁନ"ର ଗାନ ସମାରୋହର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ସିଲିକନ ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଡ଼ିଆଇସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମହାତ୍ମା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।